ସକାଳ THE SAKALA



## ଜଳଭଣ୍ଡାର ଜମିକୁ ଶ୍ୟାମ ମେଟାଲିକ୍ସ ହଡ଼ପ୍ ନେଇ ସତର୍କ କରାଇଥିଲା 'ସକାଳ'

# ଶ୍ୟାମ ମେଟାଲିକ୍ସ ନାଁରେ କାହିଁକି ହୋଇନି ଏତଲା

ସମ୍ବଲପୁର, ୨୨।୬ (ସମିସ)

ହୀରାକୁଦ ନଦୀ ବନ୍ଧ ପାଇଁ ଅବିଭକ୍ତ ସମ୍ବଲପୁର ଜିଲ୍ଲାର ଲୋକେ ନିଜର ଭିଟା ମାଟି ହରାଇଥିଲେ। ଦେଶର ସ୍ୱାର୍ଥ ପାଇଁ ବଳିଦାନ ଦେଇଥିଲେ। ହେଲେ ସେହି ଜଳଭଣ୍ଡାର ଜମିରେ ନିଶାନଭଙ୍ଗା ମୌଜାରେ ଶ୍ୟାମ ମେଟାଲିକ୍ସ ବେଆଇନ ଭାବରେ ୧୦୦ରୁ ଊର୍ଦ୍ଧ୍ୱ ଏକର ଜମି ମାଡି ବସିଥିବା ନେଇ ଗତ ବର୍ଷ ମେ ୨ ତାରିଖର ସକାଳ ଖବର କାଗଜରେ ଖବର ପ୍ରକାଶନ ହୋଇଥିଲା।

### ସୂଚନା ଅଧିକାରରେ ମିଳିଛି ଚାଞ୍ଚଲ୍ୟକର ତଥ୍ୟ

ହେଲେ ସେହି ସମୟରେ ଡ୍ୟାମ କର୍ତ୍ତୃପକ୍ଷ, ଜଙ୍ଗଲ ବିଭାଗ ତଥା ଜିଲ୍ଲା ପ୍ରଶାସନ କୌଣସି ପ୍ରକାର ପ୍ରତିକ୍ରିୟା ପ୍ରକାଶ କରିନଥିଲେ। ବାରମ୍ବାର ଖବର ପ୍ରକାଶନ ପରେ ଶ୍ୟାମ ମେଟାଲିକ୍ସକୁ ମାତ୍ର ୧୭ ଲକ୍ଷ ଫାଇନ କରି ଜଳଭଣ୍ଡାର କର୍ତ୍ତୃପକ୍ଷ ବସିପଡ଼ିଥିଲେ। ହେଲେ ସୂଚନା ଅଧିକାର ଆଇନ ବଳରେ ସୂଚନା ଅଧିକାର କର୍ମୀ ଏନେଇ ସୂଚନା ମାଗିବା ପରେ ଜଳଭଣ୍ଡାରର ଶ୍ୟାମ ମେଟାଲିକ୍ସ ନିଶାନଭଙ୍ଗା ମୌଜାର ଖାତା ନମ୍ବର ୧ର ପ୍ଲଟ ନମ୍ବର ୩୬୩/୨୨୩୬, ୩୬୩/୨୨୩୭ରୁ ୨୬




ଏକର ଅକ୍ତିଆର କରିଥିବା ସୂଚନା ମିଳିଛି। ଏହା ପରେ କାର୍ଯ୍ୟାନୁଷ୍ଠାନ ସ୍ୱରୂପ ରେଙ୍ଗାଲି ତହସିଲଦାର ସମୁଦାୟ ୧୭ ଲକ୍ଷ ଟଙ୍କା ଫାଇନ କରିଥିବା ମଧ୍ୟ ସୂଚନା ଅଧିକାର ଆଇନ ବଳରେ ତଥ୍ୟ ମିଳିଛି। ହେଲେ ସେଠାରେ କେବଳ ଜଳଭଣ୍ଡାର ଜମି ନାହିଁ ବରଂ ସଂରକ୍ଷିତ ଜଙ୍ଗଲ ଜମି ମଧ୍ୟ ରହିଛି। ତେବେ ଜମିର ମାଲିକାନା ଜଳଭଣ୍ଡାର କର୍ତ୍ତୃପକ୍ଷଙ୍କ ପାଖରେ ଥିବାବେଳେ ଏଯାବତ ଥାନାରେ କୌଣସି ମାମଲା ମଧ୍ୟ ହୋଇ ନାହିଁ। ଜମିଟି ୨୦୧୬ ମସିହାରୁ ଶ୍ୟାମ ମେଟାଲିକ୍ସ ଅକ୍ତିଆରକୁ ନେବା ସହ ସେଠାରେ କନଷ୍ଟ୍ରକସନ କାମ ସାରି ଦେଇଛି। ତଥାପି ୮ବର୍ଷ ଧରି ଜଳଭଣ୍ଡାର କର୍ତ୍ତୃପକ୍ଷ ମୌନ ରହିବା ସହ ଶ୍ୟାମ ମେଟାଲିକ୍ସ ବିରୁଦ୍ଧରେ କୌଣସି ଏତଲା ନଦେଇ ଜମିକୁ ଶ୍ୟାମ ମେଟାଲିକ୍ସ ହାତରେ ଟେକି ଦେଇଛନ୍ତି। ସେହିପରି ସେଠାରେ ଜଙ୍ଗଲ ଜମିଥିବା ବେଳେ ପାଖପାଖି ୫୦ ଏକର ଜମି ଶ୍ୟାମ ମେଟାଲିକ୍ସ ଅକ୍ତିଆର କରିଛି। ହେଲେ ସମ୍ବଲପୁର ବନ ବିଭାଗ କିମ୍ବା ଡିଏଫଓ ମଧ୍ୟ ନିଜର ଉତ୍ତର ଦାୟିତ୍ୱ ଭୁଲି ଶ୍ୟାମ ମେଟାଲିକ୍ସ ସହ ହାତ ମିଳାଇ ସାତ ଖୁନ ମାଫ କରି ଦେଇଛନ୍ତି। ସେହି ସମୟରେ 'ସକାଳ'ରେ ଖବର ପ୍ରକାଶନ ହେବା ପରେ ସେହି ଜମିକୁ ନିଜ ଅକ୍ତିଆରକୁ ନେବା ପାଇଁ ଶ୍ୟାମ ମେଟାଲିକ୍ସ ଜଳଭଣ୍ଡାର କର୍ତ୍ତୃପକ୍ଷଙ୍କୁ ଅନୁମତି ମାଗିଥିଲା। ହେଲେ ତାହା ମଧ୍ୟ ମିଳିନାହିଁ। ଅନ୍ୟପଟେ ୨୦୨୦-୨୧ ମସିହାରେ ଜଳଭଣ୍ଡାର ଶୁଖିଲା ପରେ ସେହି ଜମିରେ ଜଣେ ଚାଷୀ ତରଭୁଜ ଓ ପୋଟଲ ଚାଷ କରିଥିବା ବେଳେ ତା ନାଁରେ କେଶ୍ କରିଥିଲେ ଜଳଭଣ୍ଡାର କର୍ତ୍ତୃପକ୍ଷ। ଆଠ ବର୍ଷରୁ ଊର୍ଦ୍ଧ୍ୱ ସମୟ ହେବ ହୀରାକୁଦ ଜଳଭଣ୍ଡାରର ୫୦ ଏକରରୁ ଅଧିକ ଜମି ମାଡି ବସିବା ସହ ସେଠାରେ ନିଜର କଳକାରଖାନାର କନଷ୍ଟ୍ରକସନ କାର୍ଯ୍ୟ କରି ପାଚେରୀ ଠିଆ କରି ସାରିଛି ଶ୍ୟାମ ମେଟାଲିକ୍ସ। ଜଳ ଭଣ୍ଡାର କର୍ତ୍ତୃପକ୍ଷଙ୍କ ବିନା କୌଣସି ଅନୁମତିରେ ଶ୍ୟାମ ମେଟାଲିକ୍ସ ଏହି ବେଆଇନ କାର୍ଯ୍ୟ କରିଥିବା ବେଳେ ବର୍ତ୍ତମାନ ତାହାକୁ କଳାରୁ ଧଳା କରିବାକୁ ଚେଷ୍ଟା କରୁଛି। ଖାସ କରି ୮ ବର୍ଷ ବିନା ଅନୁମତି ଓ ବିନା ଟେକ୍ସ ଦେଇ ଏହି ଜମିର ବ୍ୟବହାର କଲା ପରେ ବର୍ତ୍ତମାନ ସୁଦ୍ଧା ଗୋଟିଏ କେସ ନହେବା ଶ୍ୟାମ ମେଟାଲିକ୍ସ ଓ ଜଳଭଣ୍ଡାର କର୍ତ୍ତୃପକ୍ଷଙ୍କ ଭାବ ଦିଆନିଆ ପଦାରେ ପଡ଼ିଛି।

## ଟ୍ୟାଙ୍କରରେ ପାଣି ଯୋଗାଇବାକୁ ଦାବି



ରେଢ଼ାଖୋଲ, ୨୨।୬(ସମିସ) : ଜଳ ହିଁ ଜୀବନ ଗ୍ରାମବାସୀ ମାନେ ପାଣି ମୁନ୍ଦାଏ ପାଇଁ ହନ୍ତସନ୍ତ ହେଉଛନ୍ତି। ଚୁଁଆ ପାଣି ଉପରେ ଭରସା କରୁଛନ୍ତି ଗାଁ ଲୋକେ। ନିତିଦିନ ଗ୍ରାମର ମହିଳାମାନଙ୍କୁ ପାଣି ପାଇଁ ସଂଘର୍ଷ କରିବାକୁ ପଡୁଛି। ଏହିଭଳି ଏକ ଗାଁ ରହିଛି ରେଢ଼ାଖୋଲ ଉପଖଣ୍ଡ ଅନ୍ତର୍ଗତ ନାକଟିଦେଉଳ ବ୍ଲକ ଅଧୀନ ବଳମ ଗ୍ରାମ ପଞ୍ଚାୟତର ପୀତାବଳିପଡ଼ା। ମୌଳିକ ସୁବିଧାରୁ ବଞ୍ଚିତ ରହିଛନ୍ତି। ମାଇଲ ମାଇଲ ଦୂରରୁ ଥିବା ନାଳରୁ ଚୁଁଆ ପାଣିରେ ତୃଷ୍ଣା ମେଣ୍ଟାଉଛନ୍ତି। ସରକାରଙ୍କ ଯୋଜନା ସତେ ଯେମିତି ବାଟବଣା ଶହ ଶହ କୋଟି ଟଙ୍କାରେ ବିଭିନ୍ନ ଯୋଜନା ମାଧ୍ୟମରେ ସ୍ୱଚ୍ଛ ପାଣି ଯୋଗାଇବା ପାଇଁ ଅର୍ଥ ବିନିଯୋଗ କରୁଛନ୍ତି। କିନ୍ତୁ କାମରେ ଆସୁନି। ଦୀର୍ଘ ବର୍ଷ ଧରି ଚୁଁଆରୁ ପାଣି ଖାଉଥିବା ବେଳେ ଆଜିବି ସୁଧୁରି ପାରୁନାହିଁ। ନଳକୂପରୁ ଗୁଳିଆ ପାଣି ବାହାରୁଛି। ଏହା ସହ ପାଣିରେ ଲୁହା ଗୁଣ୍ଡ ଭଳିଆ ଦେଖା ଦେଉଛି। କିଡିନି ରୋଗ ନିଶ୍ଚିନ୍ତ ଆମନ୍ତ୍ରଣ କରିବ। ଦୀର୍ଘ ବର୍ଷ ଧରି ଗ୍ରାମରେ ୭୦ ପରିବାର ବସବାସ କରି ଆସୁଛନ୍ତି। ଏଥିପ୍ରତି ତୁରନ୍ତ ପଦକ୍ଷେପ ନେବାକୁ ଚେତାବନୀ ଦେଇଛନ୍ତି। ପୂର୍ବରୁ ବାରମ୍ବାର ନେତା ଠାରୁ ଯନ୍ତ୍ରୀ ପର୍ଯ୍ୟନ୍ତ ଅଭିଯୋଗ କରିଆସୁଥିଲେ, ସୁଦ୍ଧା କେହି କର୍ଣ୍ଣପାତ କରୁନଥିବା ଅଭିଯୋଗ କରିଛନ୍ତି। ଜଳ କଷ୍ଟ ସମସ୍ୟା ସମାଧାନ ନ ହେବା ପର୍ଯ୍ୟନ୍ତ ତୁରନ୍ତ ପିତାବଳୀପଡ଼ା ୭୦ ପରିବାର ପାଇଁ ଟ୍ୟାଙ୍କର ଯୋଗେ ସ୍ୱଚ୍ଛ ପାଣି ଯୋଗାଇ ଦିଆଯାଉ, ନଚେତ ଆଗକୁ ବଡ଼ ଧରଣର ଆନ୍ଦୋଳନାତ୍ମକ ପନ୍ଥା ଅବଲମ୍ବନ କରାଯିବ ବୋଲି ଗ୍ରାମବାସୀ ଚେତାବନୀ ଦେଇଛନ୍ତି।

### ଟଙ୍କା ପାଇଁ ନିଟ୍ ପରୀକ୍ଷା ପ୍ରଶ୍ନପତ୍ର ଲିକ୍ କରାହୋଇଛି

# ପିସିସି ସଭାପତିଙ୍କୁ କାଳିମାଡ ଘଟଣାକୁ ନିନ୍ଦା

ସମ୍ବଲପୁର, ୨୨।୬(ସମିସ): ବିଜେପି ସରକାର ସମୟରେ ପ୍ରଶ୍ନପତ୍ର ଲିକ୍ ହେବା ବିଭିନ୍ନ ସମୟରେ ପରୀକ୍ଷା ଗୁଡ଼ିକ ବିଭ୍ରାଟ ହୋଇ ଆସୁଛି। ଏହାକୁ ବିରୋଧ କରି ସମଗ୍ର ଦେଶରେ ଛାତ୍ରଛାତ୍ରୀ ଅଭିଭାବକ ଆନ୍ଦୋଳନକୁ ଓହ୍ଲାଇଛନ୍ତି। ସୁପ୍ରିମକୋର୍ଟ ମଧ୍ୟ କେନ୍ଦ୍ର ସରକାରକୁ ଛାଟ ଦେଇଛି। ନିଟ ପରୀକ୍ଷାରେ ଘୋର ଜାଲିଆତି ବିରୁଦ୍ଧରେ ସର୍ବ ଭାରତୀୟ ସ୍ତରରେ କଂଗ୍ରେସ ନେତା ରାହୁଲ ଗାନ୍ଧୀଙ୍କ ଆହ୍ୱାନରେ ବିକ୍ଷୋଭ କରାଯାଉଥିବା ସମୟରେ ଉକ୍ତ କୁଚକ୍ରାନ୍ତ ଗୋଷ୍ଠୀ ଏହାକୁ ଭଣ୍ଡୁର କରିବା ପାଇଁ ରାଜ୍ୟ କଂଗ୍ରେସ ସଭାପତି ଶରତ ପଟ୍ଟନାୟକଙ୍କ ଉପରେ କାଳି ମାଡ଼ କରିଛନ୍ତି। ଏଣୁ ଏହି ଘଟଣାର ପୁଙ୍ଖାନୁପୁଙ୍ଖ ତଦନ୍ତ କରି ଅଭିଯୁକ୍ତଙ୍କୁ ଦଣ୍ଡିତ କରିବା ପାଇଁ ସମ୍ବଲପୁର ଜିଲ୍ଲା କଂଗ୍ରେସ ସଭାପତି ଦାବି କରିଛନ୍ତି। କଂଗ୍ରେସ ଦଳ ଏକ ଶୃଙ୍ଖଳିତ ଦଳ ଏଥିରେ ବିଶୃଙ୍ଖଳାକୁ ବରଦସ୍ତ କରାଯିବ ନାହିଁ। ଏହି ଘଟଣାରେ ଅଭିଯୁକ୍ତଙ୍କ ବିରୁଦ୍ଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନିଆଯାଉ ଓ କଂଗ୍ରେସର ଭାବମୂର୍ତ୍ତିକୁ ବଜାୟ ରଖିବା ପାଇଁ ଜିଲ୍ଲା କଂଗ୍ରେସ ସଭାପତି ଦାବି କରିଛନ୍ତି। ଏହା ସହ ସାରା ଦେଶରେ ଚହଳ ପକାଇଥିବା ନିଟ ପରୀକ୍ଷାରେ ହୋଇଥିବା ଅନିୟମିତତା ପାଇଁ କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ନୈତିକତା ଦୃଷ୍ଟିରୁ



ଇସ୍ତଫା ଦେବାକୁ ଜିଲ୍ଲା କଂଗ୍ରେସ କମିଟି ସଭାପତି ଦାବି କରିଛନ୍ତି। ଜିଲ୍ଲା କଂଗ୍ରେସ କମିଟି କାଳିମାଡ ଘଟଣାକୁ ନିନ୍ଦା କରିଛନ୍ତି। ଜୁନ ୨୧ ତାରିଖ ଭୁବନେଶ୍ୱର ରାଜ୍ୟ କଂଗ୍ରେସ ଭବନ ଠାରେ କିଛି ଅସାମାଜିକ ଲୋକ ରାଜ୍ୟ କଂଗ୍ରେସ ସଭାପତି ପଟ୍ଟନାୟକଙ୍କ ଉପରେ କାଳି ମାଡ଼ କରିଥିଲେ। ସଭାପତି ପଟ୍ଟନାୟକ ରାଜ୍ୟ କଂଗ୍ରେସ ସଭାପତି ହେବା ସହିତ ଯେଉଁ ପଦବୀରେ ରହିଛନ୍ତି ଯେଉଁ ଦାୟିତ୍ୱ ମିଳିଛି ତାକୁ ନିଷ୍ଠାର ସହ ଦଳ ପାଇଁ କାର୍ଯ୍ୟ କରି ଆସିଛନ୍ତି। କଂଗ୍ରେସ ଦଳ ବହୁ ବାଧବିଘ୍ନ ସତ୍ତ୍ୱେ ସଭାପତି ପଟ୍ଟନାୟକ ୧୪ ବିଧାୟକ ଓ ଗୋଟିଏ ଲୋକସଭା ପ୍ରାର୍ଥୀ ଜିତାଇବାରେ ସକ୍ଷମ ହୋଇଛନ୍ତି। ଏଥିରେ ଅସନ୍ତୁଷ୍ଟ ହୋଇ କିଛି ନ୍ୟସ୍ତ ସ୍ୱାର୍ଥ ଗୋଷ୍ଠୀ କୁଚକ୍ରାନ୍ତ କରି ଏପରି କାଳି ମାଡ଼ କରିବା ଦୁର୍ଭାଗ୍ୟଜନକ ଘଟଣା। ଏହି ସଭାରେ ଅନ୍ୟମାନଙ୍କ ମଧ୍ୟରେ ଅମିତ ଗୁରୁ, ଶିବ ପ୍ରଧାନ, ମହମ୍ମଦ ଜୁବେର, ଗିରିଜା ନାୟକ, ତ୍ରିଲୋଚନ ମହାନନ୍ଦ, ସୁବାସ ବିଶ୍ୱାଳ, ଗୋବିନ୍ଦ ମିଶ୍ର, ଏମଡି ସକୁ, ଅଭିରାମ ପଟେଲ, ରଞ୍ଜିତ ମିତ୍ର, ଇନ୍ଦ୍ରମଣି ବାରିକ, ଅମରେନ୍ଦ୍ର ରାଏଗୁରୁ ପ୍ରମୁଖ ଉପସ୍ଥିତ ଥିଲେ।

# ଛାତ୍ର ଆନ୍ଦୋଳନରେ ସହିଦଙ୍କୁ ଶ୍ରଦ୍ଧାଞ୍ଜଳି ଦେବେ ରାଜସ୍ୱମନ୍ତ୍ରୀ

ସମ୍ବଲପୁର, ୨୨।୬(ସମିସ): ଓଡ଼ିଶାର ଅନ୍ୟତମ ପ୍ରତିଷ୍ଠିତ ଉଚ୍ଚ ଶିକ୍ଷାନୁଷ୍ଠାନ ତଥା ସମସ୍ତଙ୍କ ପ୍ରିୟ ଗଙ୍ଗାଧର ମେହେର କଲେଜରୁ ୧୯୮୦ ମସିହାର ଐତିହାସିକ ଛାତ୍ର



### ସଂଘ ପକ୍ଷରୁ ସମସ୍ତ ପ୍ରସ୍ତୁତି ଶେଷ

ଆନ୍ଦୋଳନରେ ଗୁଳି ଖାଇ ଶହୀଦ ଛାତ୍ରମାନଙ୍କୁ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରାଯିବ। ଜୁନ ୨୪ ତାରିଖ ସକାଳ ସାଢେ ୯ ଟାରେ ଗଙ୍ଗାଧର ମେହେର ବିଶ୍ୱ ବିଦ୍ୟାଳୟ ପରିସରରେ ଥିବା ଶହୀଦ ସ୍ତମ୍ଭରେ ରାଜସ୍ୱମନ୍ତ୍ରୀ ସୁରେଶ ପୂଜାରୀ ଯୋଗଦେବାର କାର୍ଯ୍ୟକ୍ରମ ରହିଛି। ଏହି କାର୍ଯ୍ୟକ୍ରମରେ ପୁରାତନ ଛାତ୍ରଛାତ୍ରୀ ଯୋଗଦେବାକୁ ଅନୁରୋଧ କରାଯାଇଛି। ତତ୍କାଳୀନ ନିଖିଳ ଓଡ଼ିଶା ଛାତ୍ର କ୍ରିୟାନୁଷ୍ଠାନ କମିଟିର ସଭ୍ୟ ତଥା ଟ୍ରେଡୟୁନିଅନ ନେତା ମହେନ୍ଦ୍ର ମିଶ୍ର କହିଛନ୍ତିଯେ, ୧୯୮୦ ମସିହାରେ ଛାତ୍ର ଆନ୍ଦୋଳନର ସମଗ୍ର ରାଜ୍ୟରେ ବ୍ୟାପିଥିଲା। ଗଙ୍ଗାଧର ମେହେର କଲେଜ ଛାତ୍ର ସଂସଦର ତତ୍କାଳୀନ ସଭାପତି ତଥା ଆଜି ରାଜ୍ୟ କ୍ୟାବିନେଟ ମନ୍ତ୍ରୀ ସୁରେଶ ପୂଜାରୀଙ୍କ ଆନ୍ଦୋଳନରେ ସକ୍ରିୟ ଭୂମିକା ଗ୍ରହଣ କରିଥିଲେ। ନିଖିଳ ଓଡ଼ିଶା ଛାତ୍ର କ୍ରିୟାନୁଷ୍ଠାନ କମିଟି ନିଶୁଳ୍କ କଲେଜ ଶିକ୍ଷା, ଯାତ୍ରୀବାହୀ ବସରେ ଛାତ୍ରଛାତ୍ରୀଙ୍କୁ ୫୦ ପ୍ରତିଶତ ରିହାତି ସମେତ ୮ ଦଫା ଦାବିରେ ରାଜ୍ୟବ୍ୟାପୀ ଛାତ୍ର ଆନ୍ଦୋଳନର ନେତୃତ୍ୱ ନେଇଥିଲା। ଏହି ଆନ୍ଦୋଳନ ସମୟରେ ରାଜ୍ୟର ଟିଟିଲାଗଡ଼, ବିନିକା, ହୀରାକୁଦ, ଭୁବନ ଓ ଅନ୍ୟ କେତେକ ସ୍ଥାନରେ ପୁଲିସ ଗୁଳିଚାଳନା ଏବଂ ସେ ସମୟରେ ରାଜ୍ୟରେ ଶାସକ ଦଳର ଗୁଣ୍ଡାଙ୍କ ଆକ୍ରମଣରେ ୬ ଜଣ ଛାତ୍ର ଓ ସାଧାରଣ ନାଗରିକ ଶହୀଦ ହୋଇଥିଲେ। ସେହି ଶହୀଦମାନଙ୍କ ସ୍ମୃତିରେ ଗଙ୍ଗାଧର ମେହେର କଲେଜ ପରିସରରେ ସହିଦ ସ୍ତମ୍ଭ ନିର୍ମାଣ ସହ ଡିସେମ୍ବର ୫ ତାରିଖ ସହିଦ ଦିବସ ପାଳନ କରାଯାଇଥାଏ। ସମ୍ପ୍ରତି ସେହି ଐତିହାସିକ ଛାତ୍ର ଆନ୍ଦୋଳନର ନେତା ସୁରେଶ ପୂଜାରୀ ରାଜ୍ୟର ରାଜସ୍ୱ ମନ୍ତ୍ରୀ ଭାବେ ଦାୟିତ୍ୱ କରିଥିବାବେଳେ ଆସନ୍ତା ୨୪ ତାରିଖ ପ୍ରଥମ ସରକାରୀ ଗସ୍ତରେ ସମ୍ବଲପୁର ଆସୁଛନ୍ତି। ତେଣୁ ଏକ କାର୍ଯ୍ୟକ୍ରମ ରହିଛି ବୋଲି କହିଥିଲେ।

# ଦେବସ୍ନାନ ପୂର୍ଣ୍ଣିମା, ଗଜାନନ ବେଶ



ରେଢ଼ାଖୋଲ, ୨୨।୬(ସମିସ): ସମ୍ବଲପୁର ଜିଲ୍ଲା ରେଢ଼ାଖୋଲ ସହରର ସ୍ଥାନୀୟ କଦମ୍ବ ପଡ଼ିଆ ସ୍ଥିତ ଜଗନ୍ନାଥ ମନ୍ଦିର ପରିସର ସ୍ନାନ ମଣ୍ଡପରେ ଶନିବାର ଦେବସ୍ନାନ ଓ ଗଜାନନ ବେଶ ଅନୁଷ୍ଠିତ ହୋଇଯାଇଛି। ଦେବୋତ୍ତର ବିଭାଗ ଓ ବ୍ରହ୍ମ ସମାଜ ମିଳିତ ଆନୁକୂଲ୍ୟରେ ହୋଇଥିଲା। ଦେବସ୍ନାନ ପୂର୍ଣ୍ଣିମାରେ ଚତୁର୍ଦ୍ଧା ମୂର୍ତ୍ତୀଙ୍କ ସକାଳୁ ମଙ୍ଗଳ ଆଳତି କରି ସୂର୍ଯ୍ୟ ପୂଜା, ଦ୍ୱାରପାଳ ପୂଜା କରାଯାଇଥିଲା। ଏଥିରେ ଜଗତର ନାଥ ଜଗନ୍ନାଥ, ହଳଧର ବଡ଼ ଭାଇ ବଳଭଦ୍ର, ଗେହ୍ଲା ଭଉଣୀ ସୁଭଦ୍ରା, ଦଧିବାମନ ମାଧବ ଏବଂ ଚକ୍ରରାଜ ସୁଦର୍ଶନଙ୍କୁ ସ୍ନାନ ମଣ୍ଡପକୁ ବିଜେ କରି ରୀତିନୀତି ଅନୁସାରେ ପୂଜାର୍ଚ୍ଚନା ହୋଇଥିଲା। ୧୦୮ ଗରା ହଳଦୀ, କୁଙ୍କୁମ, ସୁବାସିତ ଜଳରେ ଚତୁର୍ଦ୍ଧାମୂର୍ତ୍ତିଙ୍କ ସ୍ନାନ କାର୍ଯ୍ୟ ସମ୍ପନ୍ନ କରାଯାଇଥିଲା। ତା ପରେ ଚତୁର୍ଦ୍ଧା ମୂର୍ତ୍ତୀଙ୍କୁ ସୁସଜ୍ଜିତକରି ଗଜାନନ ବେଶ ଅନୁଷ୍ଠିତ ହୋଇଥିଲା। ସତେ ଯେପରି ଠାକୁରଙ୍କ ଏହି ବେଶ ଭଗବାନ ଓ ଭକ୍ତଙ୍କ ମଧ୍ୟରେ ଶ୍ରଦ୍ଧା ଓ ନିବିଡ଼ ଭକ୍ତିର ଭାବନା ଦେଇଥାଏ। ଏହି ଦିବ୍ୟ ଦର୍ଶନକୁ ଅନୁଭବ କରିବାକୁ ରେଢ଼ାଖୋଲ ଅଞ୍ଚଳର ବହୁ ସଂଖ୍ୟାରେ ଭକ୍ତଗଣ ସମାଗମ ହୋଇଥିଲା। ଶେଷରେ ଶ୍ରୀଜୀଉଙ୍କୁ ସନ୍ଧ୍ୟା ଆଳତି ପରେ ଅଣସର ପିଣ୍ଡିକୁ ବିଜେ କରି ଗୁପ୍ତନୀତି କରାଯାଇଥିଲା। ଏଥିରେ ଦେବୋତ୍ତର ବିଭାଗ କାର୍ଯ୍ୟ ନିର୍ବାହୀ ଅଧିକାରୀ ତଥା ସ୍ଥାନୀୟ ଉପଜିଲ୍ଲାପାଳ ରଶ୍ମି ରଞ୍ଜନ ମହନ୍ତ ଉପସ୍ଥିତ ରହିବା ସହ ଦେବୋତ୍ତର ବିଭାଗ ସଭାପତି ଅରୁଣ କୁମାର ପ୍ରଧାନ, ମେନେଜର ରାଜେଶ୍ ସାହୁ, ବ୍ରହ୍ମ ସମାଜ ସଭାପତି ହରି ଶଙ୍କର ହୋତା, ସମ୍ପାଦକ ପ୍ରଶାନ୍ତ କୁମାର ରଥ ଓ ଜଗନ୍ନାଥ ସେବା ଦଳ ସଭାପତି ବିକାଶ ଦାସ ପ୍ରମୁଖ ସମେତ ଅନ୍ୟ ସଦସ୍ୟ ମାନେ ସମସ୍ତ କାର୍ଯ୍ୟ ତଦାରଖ କରିଥିଲେ। ଏଥିରେ ଜଗନ୍ନାଥ ସେବା ଦଳ ପକ୍ଷରୁ ସକ୍ରିୟ ସହଯୋଗ କରିବା ସହିତ ଭକ୍ତଗଣ ମାନଙ୍କୁ ପ୍ରସାଦ ସେବନ ବ୍ୟବସ୍ଥା କରାଯାଇଥିଲା।

# ସାଧାରଣ ନିର୍ବାଚନ ପରାଜୟ ନେଇ କଂଗ୍ରେସର ସମୀକ୍ଷା

ବାମରା, ୨୨।୬(ସମିସ): ସାଧାରଣ ନିର୍ବାଚନରେ ପରାଜୟ ଉପରେ ବାମରା କଂଗ୍ରେସ ଭବନଠାରେ ଦଳ ପକ୍ଷରୁ ଏକ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି। ଚଳିତ ଥର



କୁଚିଣ୍ଡା ନିର୍ବାଚନ ମଣ୍ଡଳୀରୁ ଦଳ ନିଜ ଆଶାନୁରୂପ ପ୍ରଦର୍ଶନ ନକରି ପରାଜୟ ହୋଇଥିଲା। ଏହାକୁ ନେଇ ବିଧାୟକ ପ୍ରାର୍ଥୀ ଥିବା କେଦାର ନାଥ ବରିହାଙ୍କ ସଭାପତିତ୍ୱ କରିଥିଲେ। ବରିଷ୍ଠ ନେତା ଖଡୁ ନାଥ ପିଙ୍ଗ, ସାଗରା ସମିତି ସଭ୍ୟ ହାବିଲ ଏକ୍କା, ପୂର୍ବତନ ବ୍ଲକ ଅଧ୍ୟକ୍ଷ ହେମାନନ୍ଦ ସା, ଜିଲ୍ଲା ସାଧାରଣ ସମ୍ପାଦକ କିଶୋର କୁମାର ନାଏକ, ସଂଜୁ ପାଣିଗ୍ରାହୀ, ହୀରା ନାଏକ, ସୁଧାଂଶୁ ଶେଖର ନାୟକ, ଓକିଲ ସୁଶାନ୍ତ ମାଝି, ଅଜୟ ଚୌଧୁରୀ, ରବୀନ୍ଦ୍ର କୁମାର ନାଏକ, କିଶୋର ପୋଢ଼ଙ୍କ ସମେତ ବହୁ କର୍ମୀମାନେ ସାମିଲ ହୋଇଥିଲେ। ବୈଠକରେ ପରାଜୟର କାରଣ, ପରବର୍ତ୍ତୀ ପର୍ଯ୍ୟାୟ ପାଇଁ ସାଙ୍ଗଠନିକ କାର୍ଯ୍ୟକ୍ରମର ରୂପରେଖ ପ୍ରସ୍ତୁତି, ନୁଆଁ ପୁରୁଣା କର୍ମୀଙ୍କୁ ଏକ ସୂତ୍ରରେ ବାନ୍ଧି ରଖିବା ସହିତ ଚଳିତ ଥର କେନ୍ଦ୍ରରେ ଇଣ୍ଡିଆ ଗଠବନ୍ଧନର ଉତ୍ତମ ପ୍ରଦର୍ଶନ ଯୋଗୁଁ ଉଭୟ କେନ୍ଦ୍ର ଓ ରାଜ୍ୟ ନେତୃ ମଣ୍ଡଳୀଙ୍କୁ କୃତଜ୍ଞତା ଓ ସାଧୁବାଦ ଜଣାଇଥିଲେ।

# ଜେଏସ୍ଡବ୍ଲ୍ୟୁବିପିଏସ୍ଲ୍ ପକ୍ଷରୁ ବୃକ୍ଷରୋପଣ

ସମ୍ବଲପୁର,୨୨।୬(ସମିସ):ରେଙ୍ଗାଲିବ୍ଲକଠେଲକଲୋଇ ଗ୍ରାମ ପଞ୍ଚାୟତରେ ଜେଏସଡବ୍ଲ୍ୟୁବିପିଏସଲର ସିଏସଆର ବିଭାଗ ପକ୍ଷରୁ ଠେଲକୋଲୋଇ ଗ୍ରାମ ପଞ୍ଚାୟତରେ ଚାରାରୋପଣ କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି।



ବର୍ତ୍ତମାନ ଜଳବାୟୁ ପରିବର୍ତ୍ତନକୁ ନଜରରେ ରଖି ପରିବେଶ ସବୁଜମୟ ହେବା ଲକ୍ଷ୍ୟରେ ଏହି ପ୍ରୟାସ କରାଯାଇଥିବା କମ୍ପାନି ପକ୍ଷରୁ କୁହାଯାଇଛି। ଏହି ପରିପ୍ରେକ୍ଷୀରେ ଗ୍ରାମ ପଞ୍ଚାୟତର ପିଡିଏଫ କଲୋନିରେ ୨୦୦ଟି ପରିବାରଙ୍କୁ ଦୁଇଟି ଲେଖାଏଁ ଗଛଚାରା ପ୍ରଦାନ କରାଯାଇଥିଲା। ଗଛ ଲଗାଇବା ଓ ତାର ରକ୍ଷଣାବେକ୍ଷଣା କେତେ ଆବଶ୍ୟକ ପରିବେଶ ପାଇଁ ସିଏସଆର ମୁଖ୍ୟ ବିଶାଳ ରାଜ ଓ ଠେଲକୋଲୋଇ ସରପଞ୍ଚ ଅବନ୍ତି ନାୟକ ଲୋକମାନଙ୍କୁ ବୁଝାଇଥିଲେ। ପ୍ରତି ପରିବାରଙ୍କୁ ଗଛ ଲଗାଇବ ସହ ତାର ରକ୍ଷଣାବେକ୍ଷଣା କରିବାକୁ ପରାମର୍ଶ ଦେଇଥିଲେ। ପରିବାରମାନଙ୍କୁ ଚାରା ଯୋଗାଇବା ଦ୍ୱାରା, କମ୍ପାନି ସ୍ଥାନୀୟ ସବୁଜ ଆବରଣକୁ ବଢ଼ାଇବା ଏବଂ ସମ୍ପ୍ରଦାୟର ସଦସ୍ୟମାନଙ୍କ ମଧ୍ୟରେ ପରିବେଶ ସଂରକ୍ଷଣ ଦିଗରେ ଏକ ଦାୟିତ୍ୱବୋଧର ଭାବନା ସୃଷ୍ଟି କରିବା ଲକ୍ଷ୍ୟ ରଖିଥିବା କହିଛି।

# ବାମରା ଶ୍ରୀଜଗନ୍ନାଥ ମନ୍ଦିରରେ ସ୍ନାନଯାତ୍ରା

ବାମରା, ୨୨।୬(ସମିସ): ବାମରା ଶ୍ରୀ ଶ୍ରୀ ଜଗନ୍ନାଥ ମନ୍ଦିରରେ ଶନିବାର ଦେବ ସ୍ନାନ ପୂର୍ଣ୍ଣିମାରେ ଚତୁର୍ଦ୍ଧା ଦେବଙ୍କ ସ୍ନାନ ଯାତ୍ରା ଦେଖିବା ପାଇଁ ବହୁ ସଂଖ୍ୟାରେ ଶ୍ରଦ୍ଧାଳୁଙ୍କ ଭିଡ଼ ହୋଇଥିଲା। ପଣ୍ଡିତ ଅଜୟ ପୁରୋହିତ ଓ ସୁବ୍ରତ ମିଶ୍ର ମୁଖ୍ୟ ଯଜମାନ ଗୋବିନ୍ଦପୁର ଜମିଦାର ସଞ୍ଜୀବ ପାଲଙ୍କ ଉପସ୍ଥିତିରେ ସ୍ନାନ ମଣ୍ଡପରେ ଶ୍ରୀ ଜଗନ୍ନାଥ, ବଳଭଦ୍ର, ସୁଭଦ୍ରା ଓ ସୁଦର୍ଶନଙ୍କ ସ୍ନାନ ପୂର୍ଣ୍ଣିମା ପୂଜା ଅର୍ଚ୍ଚନା କରାଯାଇଥିଲା। ସୁଗନ୍ଧିତ ଜଳରେ ସ୍ନାନ କରାଯାଇଥିଲା। ନୂତନ ପୋଷାକ ପିନ୍ଧାଇ ଫୁଲ ଚନ୍ଦନରେ ପ୍ରଭୁଙ୍କୁ ସଜା ଯାଇଥିଲା। ଜ୍ୟେଷ୍ଠ ମାସର ପୂର୍ଣ୍ଣିମା ତିଥିକୁ ପ୍ରଭୁ ଜଗନ୍ନାଥଙ୍କ ଜନ୍ମଦିବସ ଭାବେ ମଧ୍ୟ ପାଳନ କରାଯାଇଥାଏ। ପ୍ରଭୁଙ୍କ ବର୍ଷକୁ ୧୨ ଯାତ୍ରା ମଧ୍ୟରେ ସ୍ନାନ ଯାତ୍ରା ହେଉଛି।

# ସନ୍ଥ କବି ଭୀମଭୋଇଙ୍କ କ୍ଷୀରପାନ ଉତ୍ସବ



ରେଢ଼ାଖୋଲ, ୨୨।୬(ସମିସ): ସମ୍ବଲପୁର ଜିଲ୍ଲା ରେଢ଼ାଖୋଲ ସହରର ସ୍ଥାନୀୟ ଭୀମଭୋଇ ପ୍ରତିମୂର୍ତ୍ତି ଠାରେ ଶନିବାର ଦିନ ଜ୍ୟେଷ୍ଠ ମାସ ପୂର୍ଣ୍ଣିମା ତିଥିରେ ସନ୍ଥ କବି ଭୀମଭୋଇଙ୍କ କ୍ଷୀର ପାନ ଉତ୍ସବ ପାଳନ କରାଯାଇଛି। ରେଢ଼ାଖୋଲ ଭୀମଭୋଇ ଗବେଷଣା କେନ୍ଦ୍ର ସଭାପତି ଅକ୍ଷୟ କୁମାର ମହାକୁଡ଼ଙ୍କ ନେତୃତ୍ୱରେ ସନ୍ଥ କବି ଭୀମଭୋଇଙ୍କ ପ୍ରାପ୍ତି ସ୍ଥଳ ମଧୁପୁର ଗ୍ରାମ ଆଶ୍ରମରୁ ମହିମା ଧର୍ମାବଲମ୍ବୀ ଭକ୍ତ, ସାଧୁ ସନ୍ଥ ଯୁବରାଜପୁର ଗ୍ରାମରୁ ଭକ୍ତ ସାଧୁ ସନ୍ଥମାନେ ଉପସ୍ଥିତ ରହି ଭୀମଭୋଇଙ୍କ ପ୍ରତିମୂର୍ତ୍ତିକୁ ସ୍ନାନ କରାଇ ରୀତିନୀତି ଅନୁଯାୟୀ ବିଦ୍ଧିବିଦ୍ଧ ଭାବରେ କ୍ଷୀର ପାନ ଉତ୍ସବ ପାଳନ କରିଥିଲେ। ଏଥିରେ ଭୀମଭୋଇ ପ୍ରେମୀ ସୁଷମା ରାଣୀ ପ୍ରଧାନ ଉପସ୍ଥିତ ରହି ଏହି ଉତ୍ସବ ପାଳନ କରିଥିଲେ।

## ନାବାଳିକାଙ୍କୁ ଅସଦାଚରଣ ମାମଲା

# ଅଭିଯୁକ୍ତ ଖସିଯିବାରେ ଅବସରପ୍ରାପ୍ତ ପୁଲିସ ବାବୁଙ୍କ ହାତ !

ସମ୍ବଲପୁର, ୨୨।୬(ସମିସ)

ସମ୍ବଲପୁର ଯୁଯୁମୁରା ଥାନା ଅଞ୍ଚଳରେ ଜଣେ ନାବାଳିକାଙ୍କୁ ଘରେ ରଖି ଅସଦାଚରଣ ମାମଲାରେ ପୁଲିସ ଅଭିଯୁକ୍ତ ନେତାଙ୍କୁ ଗିରଫ କରିପାରୁନାହିଁ। ଅଭିଯୁକ୍ତ ନେତା ଜଣଙ୍କ କୁଆଡେ ଫେରାର ହୋଇଯାଇଛନ୍ତି। ତାଙ୍କ ଖସିଯିବା ପଛରେ ଜଣେ ଅବସରପ୍ରାପ୍ତ ପୁଲିସ ବାବୁଙ୍କ ହାତ ରହିଥିବା ଅଭିଯୋଗ ହେଉଛି। ଉକ୍ତ ପୁଲିସ ବାବୁ ଜଣଙ୍କ ପୂର୍ବରୁ ଯୁଯୁମୁରା ଥାନାରେ କାର୍ଯ୍ୟ କରୁଥିଲେ। ସେ ସମୟରେ ଏହି ଘଟଣାର ଅଭିଯୁକ୍ତ ନେତାଙ୍କ ସହିତ ତାଙ୍କ ସୁସମ୍ପର୍କ ସ୍ଥାପନ ହୋଇଥିଲା। ଅନେକ ଏପଟ ସେପଟ କାମ ମଧ୍ୟ କରିଥିଲେ। ପଦୋନ୍ନତି ପାଇ ଅନ୍ୟ ଥାନାକୁ ବଦଳି ହୋଇଯାଇଥିଲା। ସେଠାରୁ ସେ ଅବସର ମଧ୍ୟ ନେଇଥିବା ଜଣାପଡ଼ିଛି। ହେଲେ ପୁରୁଣା ସମ୍ପର୍କକୁ ଭୁଲି ପାରି ନାହାନ୍ତି। ଏଭଳି ସମ୍ବେଦନଶୀଳ ମାମଲାରେ ରଫା ଦଫା କରିବା ପାଇଁ ପୁଲିସ ବାବୁ ଜଣଙ୍କ ଅଭିଯୁକ୍ତ ସହିତ ମିଶି ପୁରା ଚେଷ୍ଟା କରୁଥିଲେ। ପୀଡ଼ିତା ଘରକୁ ଯାଇ ବୁଝା ସୁଝା କରୁଥିଲେ। ପୀଡ଼ିତାଙ୍କ ସମ୍ପର୍କିୟ ଗ୍ରାମର କେତେକ ବ୍ୟକ୍ତିଙ୍କୁ ପୀଡ଼ିତା ପରିବାରକୁ ମାମଲା




ପ୍ରତ୍ୟାହାର କରିବା ପାଇଁ ବୁଝାଇବାରେ ଲଗାଇ ଦେଇଥିଲେ। ପୀଡ଼ିତ ପରିବାର ଯେଉଁପଟେ ଯାଉଥିଲେ ସେପଟେ ଗୁପ୍ତଚର ଲଗାଇ ଦେଉଥିଲେ। ନାବାଳିକା ପରିବାର ଯେଉଁଦିନ ଅଭିଯୋଗ କଲେ ଓ ମାମଲା ରୁଜୁ ହେଲା ସେଦିନ ଠାରୁ ଅଭିଯୁକ୍ତ ଅଞ୍ଚଳ ଛାଡି କୁଆଡେ ଫେରାର ହୋଇଯାଇଛନ୍ତି। କାରଣ ପୁଲିସ ବିଭାଗର କାର୍ଯ୍ୟଶୈଳୀ ଉପରେ ଅଭିଜ୍ଞଥିବା ଅବସରପ୍ରାପ୍ତ ପୁଲିସ ବାବୁ ଜଣଙ୍କ ପୁଲିସିଆ ଚାଲ ଖେଳି ଅଭିଯୁକ୍ତଙ୍କୁ ଚମ୍ପଟ ହେବାରେ ସହଯୋଗ କରିଛନ୍ତି ବୋଲି ସାଧାରଣରେ ଆଲୋଚନା ହେଉଛି। ଅନ୍ୟପଟେ ପୁଲିସ ଟିମ ଗଠନ କରି ବିଭିନ୍ନ ସ୍ଥାନରେ ଚଢାଉ ଜାରି ରଖିଛି। ନୂତନ ଜ୍ଞାନ କୌଶଳ, ନିଜ ଗୁପ୍ତଚରକୁ ଲଗାଇ ଦେଇଛି। ହେଲେ ଅଭିଯୁକ୍ତ ଆଜି ପର୍ଯ୍ୟନ୍ତ ପୁଲିସ ହାତରେ ଲାଗି ନାହିଁ। ଅନ୍ୟପଟେ ଥାନାରେ ଅଭିଯୋଗ ହେବା ପରେ ନେତା ଜଣକ ଫେରାର ମାରିଛନ୍ତି। ଅଭିଯୋଗ କ୍ରମେ ପ୍ରାୟ ୩ ବର୍ଷ ତଳେ ଜଣେ ଗରିବ ଆଦିବାସୀ ନାବାଳିକାଙ୍କୁ ନିଜ ଘରେ କାମ କରିବା ପାଇଁ ଆଣିଥିଲେ। ତାଙ୍କୁ ମାସିକ ହଜାରେ ଟଙ୍କା ଦେବାକୁ ପରିବାର ଲୋକଙ୍କ କହିଥିଲେ। ନାବାଳିକାଙ୍କୁ ଘରକୁ ଯିବା ପରେ କାମ କରିବା ଭିତରେ ଉକ୍ତ ନେତା ଜଣକ ଅସଦାଚରଣ କରୁଥିଲେ। ମାଡପିଟ କରି ଲହୁଲୁହାଣ କରୁଥିଲେ। ନାବାଳିକା ଜଣକ ବିରୋଧ କଲେ ତାଙ୍କୁ ମାରପିଟ୍ କରୁଥିଲେ। ମେ ୩୦ ତାରିଖରେ ନାବାଳିକାଙ୍କୁ ଦେଖା କରିବା ପାଇଁ ତାଙ୍କ ମାଆ ଭଉଣୀ ଆସିଥିବା ବେଳେ ତାଙ୍କ ସହ ହେଉଥିବା ଶାରୀରିକ ଓ ମାନସିକ ନିର୍ଯାତନା କଥା ଜଣାଇଥିଲେ। ଗତ ଜୁନ୍ ୨ ତାରିଖ ଗାଁର କିଛି ଭଦ୍ର ବ୍ୟକ୍ତିଙ୍କ ସହିତ ପୀଡ଼ିତା ପରିବାର ସମ୍ପୃକ୍ତ ନେତାଙ୍କ ଘରକୁ ଆସି ପୀଡ଼ିତାଙ୍କୁ ଉଦ୍ଧାର କରିଥିଲେ। ଏ ନେଇ ଗତ ୫ ତାରିଖ ଦିନ ପୀଡ଼ିତାଙ୍କ ପରିବାର ଗ୍ରାମାବସୀଙ୍କ ସହିତ ଯୁଯୁମୁରା ଥାନାରେ ପହଞ୍ଚି ସମ୍ପୃକ୍ତ ନେତାଙ୍କ ବିରୋଧରେ ଲିଖିତ ଅଭିଯୋଗ କରିଥିଲେ। ଥାନାରେ ଅଭିଯୋଗ ହେବା ପରେ ଅଭିଯୁକ୍ତ ନେତା ଜଣକ ଫେରାର ମାରିଛନ୍ତି। ନେତାଙ୍କୁ କୋର୍ଟରୁ ଆଗୁଆ ଜାମିନ ଆଣିବା ପାଇଁ କଟକ ଯାଇଥିବା ଆଲୋଚନା ହେଉଛି।

## ଆବର୍ଜନାରେ ପୋତି ହେଲାଣି କେନାଲ ଅଧିକାରୀ ଜାଣି ଅଜଣା



**ପଦ୍ମପୁର, ୨୨।୬ (ସମିସ) :** ପଦ୍ମପୁର ସହର ଦେଇଯାଇଥିବା କ୍ଷୁଦ୍ର ଜଳସେଚନ ପ୍ରକଳ୍ପର କେନାଲ ଆବର୍ଜନାରେ ପୋତି ହୋଇଯାଇଥିଲେ ମଧ୍ୟ ତାହାକୁ ସଫା କରାଯାଉ ନଥିବା ଲକ୍ଷ୍ୟ କରାଯାଉଛି। କ୍ଷୁଦ୍ର ଜଳସେଚନ ବିଭାଗର ନିର୍ବାହୀଯନ୍ତ୍ରୀଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଯାଇଥିବା ଏହି କେନାଲରେ ଆବର୍ଜନା ପୋତି ହୋଇ ରହିଛି। ମୌସୁମୀ ବର୍ଷା ଆସି ଯାଇଥିବା ବେଳେ କେନାଲରେ କୁଢ଼ କୁଢ଼ ଆବର୍ଜନା ଜଳସ୍ରୋତକୁ ଅବରୋଧ କରୁଛି। ବର୍ଷା ଋତୁ ପୂର୍ବରୁ ଏହି କେନାଲ ଗୁଡ଼ିକ ମରାମତି ତଥା ସଫା କରାଯିବା କଥା କିନ୍ତୁ ବର୍ତ୍ତମାନ ପର୍ଯ୍ୟନ୍ତ ସଫେଇ କିମ୍ବା ମରାମତି କରାଯାଇନାହିଁ। ଯାହା ଫଳରେ ଚାଷୀ ମାନଙ୍କ ଜଳସେଚନ ପାଇଁ ଅସୁବିଧା ହେବ ବୋଲି ମତ ପ୍ରକାଶ ପାଇଛି। ପଦ୍ମପୁର କ୍ଷୁଦ୍ର ଜଳସେଚନ ବିଭାଗ ଅଧିନରେ ଏମିତି ଅନେକ ମୁଖ୍ୟ କେନାଲ, ଶାଖା କେନାଲ ଗୁଡ଼ିକ ଅଛି ହେଲେ କେନାଲ ଗୁଡ଼ିକ ଆବର୍ଜନା ରେ ପୋତି ହୋଇଥିବାରୁ ଚାଷ ଜମି କୁ ପାଣି ମାଡ଼ିବା ସମସ୍ୟା ଦେଖାଦେବ ବୋଲି ଚାଷୀମାନେ କହିଛନ୍ତି। ସେହିପରି ରାସ୍ତା ପାର୍ଶ୍ୱ ଦେଇ ଯାଇଥିବା କେନାଲରେ ପ୍ଲାଷ୍ଟିକ ବୋତଲ, ଥର୍ମକୋଲ, ପୋଲିଥିନ ପଡ଼ି ପରିବେଶ ନଷ୍ଟ ହେଉଛି। ସେହିଭଳି ବହୁ ବର୍ଷ ହେବ ପୁନରୁଦ୍ଧାର ଓ ରକ୍ଷଣାବେକ୍ଷଣ ଅଭାବରୁ ଏହି କେନାଲ ଜବର ଦଖଲ ମଧ୍ୟ ହେଉଛି। ଜଳସମ୍ପଦ ବିଭାଗ ଏଥିପ୍ରତି ଦୃଷ୍ଟି ଦେଇ ବିହିତ କାର୍ଯ୍ୟାନୁଷ୍ଠାନ ଗ୍ରହଣ ପାଇଁ ଚାଷୀ ଦାବି କରିଛନ୍ତି।

## ପଦ୍ମପୁରରେ ନିଅଣ୍ଟିଆ ବର୍ଷା
# ଚିନ୍ତାରେ ଉପଖଣ୍ଡ ଚାଷୀ

**ପଦ୍ମପୁର, ୨୨।୬ (ସମିସ)**

ବରଗଡ଼ ଜିଲ୍ଲା ପଦ୍ମପୁର ଉପଖଣ୍ଡରେ କ୍ରମାଗତ ଭାବେ ବୃଷ୍ଟିପାତ କମିବାରେ ଲାଗିଛି। ଏହା ସହିତ ବିଳମ୍ବିତ ମୌସୁମୀ ଯୋଗୁଁ ଚାଷକାର୍ଯ୍ୟ ସମ୍ପୂର୍ଣ୍ଣ ବାଧାପ୍ରାପ୍ତ ହୋଇଛି। ଏପରିକି ଜୁନ ମାସରେ ଅନ୍ୟ ବର୍ଷ ମାନଙ୍କ ତୁଳନାରେ ଏବର୍ଷ

### ଜୁନରେ କମିଛି ସ୍ୱାଭାବିକ ବୃଷ୍ଟିପାତ

ବର୍ଷା ସମ୍ପୂର୍ଣ୍ଣ ଠପ୍ ହୋଇଛି। ଯାହାକି ଅଞ୍ଚଳର ଚାଷୀଙ୍କୁ ଚିନ୍ତାରେ ପକାଇଛି। ଚଳିତ ବର୍ଷ ଜୁନ ୨୨ ତାରିଖ ସୁଦ୍ଧା ପଦ୍ମପୁର ଉପଖଣ୍ଡର ବିଜେପୁର ବ୍ଲକରେ ୮ ମିମି, ଗାଇସିଲେଟ ବ୍ଲକରେ ୧୧୧ ମିମି, ଝାରବନ୍ଧ ବ୍ଲକରେ ୬୯ ମିମି, ପଦ୍ମପୁର ବ୍ଲକରେ ୭୯ ମିମି, ପାଇକମାଲ ବ୍ଲକରେ ୭୬ ମିମି ଓ ସୋହେଲା ବ୍ଲକରେ ଏପର୍ଯ୍ୟନ୍ତ ବର୍ଷା ହୋଇନଥିବା



ଭାରତୀୟ ପାଣିପାଗ ବିଭାଗ ସୂତ୍ରରୁ ପ୍ରକାଶ। ଗତ ୨୦୨୩ ଜୁନ ୨୨ ସୁଦ୍ଧା ବିଜେପୁର ବ୍ଲକରେ ୬୬.୪ ମିମି, ଗାଇସିଲେଟରେ ୧୧୪ ମିମି, ଝାରବନ୍ଧରେ ୭୭ ମିମି, ପଦ୍ମପୁରରେ ୯୨ ମିମି, ପାଇକମାଲରେ ୮୫.୩ ମିମି ଓ ସୋହେଲାରେ ୨୦ ମିମି ବର୍ଷା ରେକର୍ଡ କରାଯାଇଥିଲା। ସେହିପରି ୨୦୨୨ ବର୍ଷ ରେ ବିଜେପୁରରେ ୨୦୨ ମିମି, ଗାଇସିଲେଟ ରେ ୯୭.୨ ମିମି, ଝାରବନ୍ଧରେ୧୩୫.୪ମିମି, ପଦ୍ମପୁର ରେ ୧୩୭.୩ ମିମି, ପାଇକମାଲ ରେ ୧୬୩.୩ମିମି ଓ ସୋହେଲାରେ୧୩୨ ମିମି ବର୍ଷା ରେକର୍ଡ ହୋଇଥିଲା। ୨୦୨୧ ରେ ମଧ୍ୟ ଉପଖଣ୍ଡର ୬ ଟି ଯାକ ବ୍ଲକ ରେ ଜୁନ ମାସ ୨୨ ସୁଦ୍ଧା ୧୫୦ ମିମି ରୁ ଅଧିକ ବର୍ଷା ହୋଇଥିଲା। ଖରିଫ ଚାଷ ପାଇଁ ଜୁନ ମାସରେ ବରଗଡ଼ ଜିଲ୍ଲାରେ ହାରାହାରି ବୃଷ୍ଟିପାତ ୨୪୬.୮ ମିମି ହେବା କଥା ମାତ୍ର ଏପର୍ଯ୍ୟନ୍ତ ହାରାହାରି ବୃଷ୍ଟିପାତରୁ ବହୁତ କମ ହୋଇଥିବାରୁ ଚାଷୀଙ୍କ ଚିନ୍ତା ବଢ଼ିଯାଇଛି। ଅପରପକ୍ଷରେ ପାଣିପାଗର ଆକଳନକୁ ନେଇ ଉପଖଣ୍ଡରେ ଜୁନ ୧୫ ସୁଦ୍ଧା ପ୍ରାୟ ୨୫ ପ୍ରତିଶତ ଜମିରେ ଚାଷୀ ଖରଡ଼ି ଧାନ ବୁଣା କାର୍ଯ୍ୟ ସାରିଦେଇଛି। ମାତ୍ର ବିଳମ୍ବିତ ମୌସୁମୀ ଯୋଗୁଁ ଚାଷୀ ଧାନ ବୁଣି ସାରିଥିଲେ ମଧ୍ୟ ଭଲ ବର୍ଷାକୁ ଅନାଇ ରହିଛି। ସେହିପରି ନିଅଣ୍ଟିଆ ବର୍ଷା ଯୋଗୁଁ ଏପର୍ଯ୍ୟନ୍ତ ତଳିପକା କାର୍ଯ୍ୟ ମଧ୍ୟ ଆରମ୍ଭ ହୋଇନାହିଁ।

## ବିଜୁ ଜନତା ଦଳ ପକ୍ଷରୁ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର



**ଭେଡେନ, ୨୨।୬(ସମିସ):** ବିଜୁ ଜନତା ଦଳ ଅଇଁଲାପାଲି ଗ୍ରାମପଞ୍ଚାୟତ ଆନୁକୂଲ୍ୟରେ ଏକ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଅଇଁଲାକଟା କଲ୍ୟାଣ ମଣ୍ଡପ ଠାରେ ଅନୁଷ୍ଠିତ ହୋଇଯାଇଛି। ଅନୁଷ୍ଠିତ ଶିବିରକୁ ବିଜୁ ଜନତା ଦଳର ମହିଳା ସଭାନେତ୍ରୀ ତଥା ପୂର୍ବତନ ବିଧାୟିକା ସ୍ନେହାଙ୍ଗିନୀ ଛୁରିଆ ମୁଖ୍ୟ ଅତିଥିଭାବରେ ଯୋଗଦାନ କରି ଉଦଘାଟନ କରିଥିବା ବେଳେ ସମ୍ମାନିତ ଅତିଥିଭାବରେ ଜିଲ୍ଲା ସଂଯୋଜକ ଗୌରହରି ମିଶ୍ର, ଜିଲା ପରିଷଦ ସଭ୍ୟା ପଦ୍ମିନୀ ଗଡ଼ତିଆ, ସମିତିସଭ୍ୟ ତୋଷବନ୍ତ ବେହେରା, ରଷୁଡା ସରପଞ୍ଚ ସୁରେନ୍ଦ୍ର କର୍ମୀ ପ୍ରମୁଖ ଯୋଗଦାନ କରିଥିଲେ। ଅନୁଷ୍ଠିତ ଶିବିରରେ ୩୬ ୟୁନିଟ ରକ୍ତ ସଂଗ୍ରହ ହୋଇଥିବା ବେଳେ ବରଗଡ଼ ରକ୍ତ ଭଣ୍ଡାରର କର୍ମଚାରୀମାନେ ରକ୍ତ ସଂଗ୍ରହରେ ସହଯୋଗ କରିଥିଲେ। ଅନୁଷ୍ଠିତ ଶିବିରକୁ ଶ୍ୟାମସୁନ୍ଦର ବେହେରା, ପ୍ରକାଶ ଦାଶ, ଶଶିଭୂଷଣ ପାଣିଗ୍ରାହୀ, ମଧୁସୂଦନ କରଣ, ଜପା ବାରିକ, ସୁଶାନ୍ତକୁମାର ଭୋଇ, ପର୍ଶୁରାମ ପାତ୍ର, ଭରତ ବେହେରା, ସୁନନ୍ଦା ମେହେର, ବନ୍ତି ଭୁଏ, ପ୍ରମିଳା ଦାଶ, ପ୍ରଭାତୀ କରଣ, ସୁରେଖା କରଣ, ରୁବି ବେହେରା, କଲ୍ୟାଣୀ ପଧାନଙ୍କ ସମେତ ଗ୍ରାମର ବିଜୁ ଜନତା ଦଳର ସମସ୍ତ ସଦସ୍ୟ ମାନେ ସହଯୋଗ କରିଥିଲେ।

## ଝରାପାଲି ଜଗନ୍ନାଥ ମନ୍ଦିରରେ ସ୍ନାନଯାତ୍ରା

**ଥୁଆପାଲି, ୨୨।୬(ସମିସ):** ସଂକ୍ରିଡ଼ା ପଞ୍ଚାୟତର ଝରାପାଲି ମାର୍କେଟର ଜଗନ୍ନାଥ ମନ୍ଦିର ସ୍ନାନ ମଣ୍ଡପରେ ଚତୁର୍ଦ୍ଧାମୂର୍ତ୍ତିଙ୍କ ସ୍ନାନଯାତ୍ରା ଅନୁଷ୍ଠିତ ହୋଇଯାଇଛି। ପ୍ରଥମେ କୈଳାଶ ଅଗ୍ରୱାଲ ଓ ପଣ୍ଡିତ ରୁଦ୍ର ଦାସ ମନ୍ତ୍ର ପାଠକରି କୂଅରୁ ୧୦୮ କଳସ ପାଣିରେ ନାରୀକେଳ, ପୁଷ୍ପମାଲ୍ୟ ଅର୍ପଣ କରିବା ପରେ ମହିଳା ମାନେ ଏହାକୁ ମୁଣ୍ଡରେ ବୋହି ଝରାପାଲି ମାର୍କେଟ ପରିକ୍ରମା କରି ଜଗନ୍ନାଥଙ୍କ ସ୍ନାନ ମଣ୍ଡପରେ ପହଞ୍ଚି ଥିଲେ। ସମସ୍ତ ରୀତିନୀତି ଅନୁସାରେ ମନ୍ତ୍ରପାଠ କରି ଚତୁର୍ଦ୍ଧାମୂର୍ତ୍ତୀଙ୍କୁ ସ୍ନାନ କରାଯାଇଥିଲା। ଏହା ପରେ ଗଜାନନ ବେଶ ଅନୁଷ୍ଠିତ ହୋଇଥିଲା। ବେଶ ଦେଖିବାପାଇଁ ଶହଶହ ସଂଖ୍ୟାରେ ଶ୍ରଦ୍ଧାଳୁ ଏକତ୍ରିତ ହୋଇ ଦର୍ଶନ କରି ଆଶିଷ ଭିକ୍ଷା କରିଥିଲେ। ବିଷ୍ଣୁ ପ୍ରସାଦ ପଧାନ ଓ କନକ ପଧାନ କର୍ତ୍ତା ଦାୟିତ୍ୱ ତୁଲାଇଥିଲେ। ଏହି ଅବସରରେ ଜଗନ୍ନାଥ କମିଟିର ସଭାପତି ହରି ପଧାନ, ସମ୍ପାଦକ ରଶ୍ମିରଞ୍ଜନ ପାଢ଼ୀ, କମଲେଶ ଅଗ୍ରୱାଲ, ସୁଜିତ କୁମାର ପୁରୋହିତ ଓ ଜଗନ୍ନାଥ କମିଟିର ସମସ୍ତ ସଦସ୍ୟ ସହଯୋଗ କରିଥିଲେ।



## ପୌରାଞ୍ଚଳର ଡ୍ରେନେଜ୍ ସିଷ୍ଟମ ଅନୁଧ୍ୟାନ କଲେ ବିଧାୟକ

**ବରଗଡ଼, ୨୨।୬ (ସମିସ):**ଆଗକୁ ବର୍ଷା ଆସୁଛି, ତା ପୂର୍ବରୁ ବରଗଡ଼ ପୌରାଞ୍ଚଳର କୌଣସି ୱାର୍ଡରେ ଡ୍ରେନେଜ ସିଷ୍ଟମ ଯେପରି ବାଧାପ୍ରାପ୍ତ ନହୁଏ ସେଥିପାଇଁ ବରଗଡ଼ ବିଧାୟକ ଅଶ୍ୱିନୀ ଷଡଙ୍ଗୀ ନିଜେ ବିଭିନ୍ନ ସ୍ଥାନକୁ ଯାଇ ସ୍ଥିତି ଅନୁଧ୍ୟାନ କରିଛନ୍ତି। ଆଜି ସକାଳୁ ବିଧାୟକ ଶ୍ରୀ ଷଡ଼ଙ୍ଗୀ ଏବଂ ବରଗଡ଼ ପୌର କାର୍ଯ୍ୟନିର୍ବାହୀ ଅଧିକାରୀ ହର ପ୍ରସାଦ ଭୋଇ ୧ ନମ୍ବର ୱାର୍ଡ ରୁ ଜୀରା ନଦୀ ପର୍ଯ୍ୟନ୍ତ ଚାଲି ଚାଲି ଯାଇ ଡ୍ରେନେଜ ସିଷ୍ଟମକୁ ତଦାରଖ କରିଥିଲେ। ବର୍ଷା ଋତୁ ଆରମ୍ଭ ପୂର୍ବରୁ ବରଗଡ଼ର ସମସ୍ତ ୱାର୍ଡର ନାଳି ଗୁଡିକ ରୁ ମାଟି କଢ଼ାଯାଇ ଯେପରି ସୁବିଧାରେ ବର୍ଷା ଜଳ ନିଷ୍କାସିତ ହୋଇପାରିବ ସେ ବ୍ୟବସ୍ଥାକୁ ସୁନିଶ୍ଚିତ କରିବାକୁ ପୌର କାର୍ଯ୍ୟନିର୍ବାହୀ ଅଧିକାରୀ ହର ପ୍ରସାଦ ଭୋଇଙ୍କୁ ବିଧାୟକ ନିର୍ଦ୍ଦେଶ ଦେଇଥିଲେ। ଏଥି ସହ ଅର୍ଦ୍ଧ ନିର୍ମିତ ଡ୍ରେନ ଗୁଡିକର ନିର୍ମାଣ କାର୍ଯ୍ୟକୁ ଯୁଦ୍ଧକାଳୀନ ଭିତ୍ତିରେ ସମାପ୍ତ କରିବାକୁ ମଧ୍ୟ ଶ୍ରୀ ଷଡଙ୍ଗୀ କହିଥିଲେ। ଏହି କାର୍ଯ୍ୟକ୍ରମରେ ବିଧାୟକ ଙ୍କ ସହ ବିଜେପି ଜିଲ୍ଲା ସାଧାରଣ ସମ୍ପାଦକ ରବି ନାରାୟଣ ଦାଶ, ଟାଉନ ସଭାପତି ଅକ୍ରୁର



ମଲ୍ଲିକ, ପ୍ରଶାନ୍ତ ବେହେରା, ଈଶ୍ୱର ବାଗ, ସଞ୍ଜୀବ ମହାପାତ୍ର, ପରେଶ ବିଶି, ଅମିତ ପଣ୍ଡା, ରାଜୁ ଝା, ମଧୁ ଜୈନ, ବେଦାନ୍ତ ମିଶ୍ର, ସୁକାନ୍ତ ମିଶ୍ର, ପବନ ଅଗ୍ରୱାଲ, ସୁନୀଲ ଶର୍ମା, ମୃତ୍ୟୁଞ୍ଜୟ ମହାରଣା, ସୁଜିତ ସରାଫ, ଶ୍ରୀକାନ୍ତ ସାହୁ, ଧନଞ୍ଜୟ ଦୀପ, ଦିନେଶ ଅଗ୍ରୱାଲ, ବିଚିତ୍ର ରାଉଳ, ବିଭୂତି ଦାଶ, ଦୀପକ ଜୈନ, ନିତିଆ ବେହେରା ପ୍ରମୁଖ ଉପସ୍ଥିତ ଥିଲେ।

## ବରଗଡ଼ରେ ଦେବସ୍ନାନ ପୂର୍ଣ୍ଣିମା

**ବରଗଡ଼, ୨୨।୬(ସମିସ):** ଦେବସ୍ନାନ ପୂର୍ଣ୍ଣିମା ଏକ ପବିତ୍ର ପର୍ବ। ଏହା ଜଗନ୍ନାଥଙ୍କ ସ୍ନାନଯାତ୍ରା ଭାବେ ବିଖ୍ୟାତ।



ଶ୍ରୀକ୍ଷେତ୍ରରେ ବାର ମସେ ତେର ଯାତ୍ରା ମଧ୍ୟରୁ 'ସ୍ନାନଯାତ୍ରା' ଅନ୍ୟତମ ଅଟେ। ଜ୍ୟେଷ୍ଠ ପୂର୍ଣ୍ଣିମା ଦିନ ଏହି ଯାତ୍ରା ପାଳିତ ହୋଇଥାଏ। ଦେବ ଦେବ ଭଗବାନ, ସକଳ ଦେବତାଙ୍କ ଅଧୀଶ୍ୱର ଶ୍ରୀ ଜଗନ୍ନାଥଙ୍କ ସ୍ନାନକୁ ସମଗ୍ର ଓଡ଼ିଶାର ପୁରପଲ୍ଲୀ, ଗାଁ ଗଣ୍ଡାରେ 'ଦେବସ୍ନାନ ପୂର୍ଣ୍ଣିମା' ରୂପରେ ପାଳନ କରାଯାଏ। ଆଜି ବରଗଡ଼ ମାଁ ଶ୍ୟାମାକାଳୀ ମନ୍ଦର ପରିଶରରେ ଥିବା ଜଗନ୍ନାଥ ମନ୍ଦିରରେ ମହାଆଡମ୍ବର ସହକାରେ ଦେବସ୍ନାନ ପୂର୍ଣ୍ଣିମା ପାଳିତ ହୋଇଛି। ପ୍ରଥମେ ଚତୁର୍ଦ୍ଧା ବିଗ୍ରହକୁ ସ୍ନାନମଣ୍ଡପକୁ ଅଣାଯାଇ ପ୍ରଥମେ ବରୁଣ ପୂଜା, ପୁନ୍ୟାବାଚନ, ସଂକଳ୍ପ ହୋଇ ପ୍ରଭୁଙ୍କ ମହାସ୍ନାନ ଅନୁଷ୍ଠିତ ହୋଇଥିଲା। ଏହି ସ୍ନାନ କାର୍ଯ୍ୟକ୍ରମରେ ପଣ୍ଡିତ ଅନନ୍ତ ଶତପଥୀ, ପଣ୍ଡିତ ହରିରାମ ପଣ୍ଡା, ପଣ୍ଡିତ ସତ୍ୟାନନ୍ଦ ଶତପଥୀ, ପଣ୍ଡିତ ଆନନ୍ଦ ଷଡଙ୍ଗୀ ଓ ପଣ୍ଡିତ ଅନନ୍ତ ଷଡଙ୍ଗୀ ପୂଜାକାର୍ଯ୍ୟ ସମ୍ପାଦନ କରିଥିଲେ। ରାଜେଶ ଶତପଥୀ କର୍ତ୍ତା ଦାୟିତ୍ୱ ନିର୍ବାହ କରିଥିବା ବେଳେ ସତ୍ୟ ପ୍ରକାଶ ରଥ, ବିଜୟ କୁମାର ମିଶ୍ର, ବିଭୁଦତ୍ତ ମିଶ୍ର, ଦେବେଶ ଦେଶାଇ ପ୍ରମୁଖ ମହାପ୍ରଭୁଙ୍କ ସ୍ନାନରେ ସହଯୋଗ କରିଥିଲେ। ପବିତ୍ର ଦେବସ୍ନାନ ପୂର୍ଣ୍ଣିମା ଉପଲକ୍ଷେ ବରଗଡ଼ ପୌରାଞ୍ଚଳ ଅନ୍ତର୍ଗତ ଖଜୁରଟିକ୍ରା ଜଗନ୍ନାଥ ମନ୍ଦିରରେ ପ୍ରଭୁ ଜଗନ୍ନାଥଙ୍କୁ ସ୍ନାନ କରାଯାଇଛି। ରତ୍ନବେଦୀ ଛାଡ଼ି ସ୍ନାନମଣ୍ଡପକୁ ମହାପ୍ରଭୁ ଜଗନ୍ନାଥ ଆସିବା ପରେ ପଡ଼ାର ମାନ୍ୟଗଣ୍ୟ ବ୍ୟକ୍ତି, ମନ୍ଦିର ପୂଜକ, କର୍ତ୍ତା ଙ୍କ ସମେତ ମୁଖ୍ୟ ଅତିଥି ବରଗଡ଼ର ବିଧାୟକ ଅଶ୍ୱିନୀ ଷଡଙ୍ଗୀ ଉପସ୍ଥିତ ରହି ପରମ୍ପରା ଅନୁଯାୟୀ ଜଗନ୍ନାଥଙ୍କୁ ପବିତ୍ର ସୁବାଷିତ ଜଳରେ ସ୍ନାନ କରାଇଥିଲେ। ଏହି କାର୍ଯ୍ୟକ୍ରମ ରେ ଖଜୁରଟିକ୍ରା ମହିଳା ସଂକ୍ରାନ୍ତି ଗୋଷ୍ଠୀ ଭଜନ କୀର୍ତ୍ତନ ପରିବେଷଣ କରିଥିଲେ। ମନ୍ଦିର ପୂଜକ ବଳିଷ୍ଠ ମହାପାତ୍ର ବିଭିନ୍ନ ନୀତିକାନ୍ତି ଅନୁଯାୟୀ ଜଗନ୍ନାଥ ଙ୍କ ପୂଜାର୍ଚ୍ଚନା କରିଥିବାବେଳେ ସୁରେଶ ଗନ୍ତାୟତ କର୍ତ୍ତା ଦାୟିତ୍ୱ ତୁଲାଇ ଥିଲେ। ସନ୍ଧ୍ୟା ସମୟରେ ଶତାଧିକ ଭକ୍ତ ଓ ଶ୍ରଦ୍ଧାଳୁ ମହାପ୍ରଭୁ ଜଗନ୍ନାଥଙ୍କ ଅତି ମନୋରମ ହାତୀବେଶକୁ ଦର୍ଶନ କରିଥିଲେ।

## ଅଞ୍ଚଳ ମହାବିଦ୍ୟାଳୟରେ ଅନ୍ତର୍ଜାତୀୟ ଯୋଗ ଦିବସ

**ପଦ୍ମପୁର, ୨୨।୬(ସମିସ):** ଅଞ୍ଚଳ ମହାବିଦ୍ୟାଳୟରେ ଅଧ୍ୟକ୍ଷ ଲଳିତ ମୋହନ ପଣ୍ଡାଙ୍କ ସଭାପତିତ୍ୱରେ ଅନ୍ତର୍ଜାତୀୟ ଯୋଗ ଦିବସ ପାଳନ କରାଯାଇଛି। ଏହି ଯୋଗ ଦିବସ ଉପଲକ୍ଷେ ନବପ୍ରଭାତ ଗୁରୁକୁଳ ବିଦ୍ୟାପୀଠର ଗୁରୁଜୀ ମାନେ ଯୋଗ ଶିକ୍ଷା ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ମହାବିଦ୍ୟାଳୟର ପ୍ରାଧ୍ୟାପକ ଖଗେଶ୍ୱର ସାହୁ, ଡ. ବିରଞ୍ଚି ସାହୁ, ପ୍ରଭାତ କୁମାର ମହାପାତ୍ର, ପ୍ରାଧ୍ୟାପିକା ତାପିନି ପଣ୍ଡା, ବୁନି ସାହୁ, ସୁରେଶ୍ୱରୀ ପାଣ୍ଡେ, ଅଧ୍ୟାପକ ପୂର୍ଣ୍ଣ ଚନ୍ଦ୍ର ମିରିଗ, ଦେବାଶିଷ ସାହୁ, ଖୁଦିରାମ ପାତ୍ର, ଅନନ୍ତ ମଲ୍ଲିକ ଙ୍କ ସମେତ ସମସ୍ତ ଛାତ୍ରଛାତ୍ରୀ ଉପସ୍ଥିତ ଥିଲେ।

## ଲ' ଫାଇନାଲ ପରୀକ୍ଷାରେ ଇତିହାସ ରଚିଲା ବିକାଶ ଲ' ସ୍କୁଲ୍



**ବରଗଡ଼, ୨୨।୬ (ସମିସ):** ସମ୍ବଲପୁର ବିଶ୍ୱବିଦ୍ୟାଳୟର ବି.ଏ. ଏଲ.ଏଲ.ବି (ଅନର୍ସ) ଫାଇନାଲ ସେମିଷ୍ଟାର ପରୀକ୍ଷା (୨୦୨୩-୨୪)ରେ ବରଗଡ଼ ସ୍ଥିତ ବିକାଶ ଲ' ସ୍କୁଲର ୧୧ ଜଣ ଛାତ୍ରଛାତ୍ରୀ ସମସ୍ତ ଟପ୍ ଟେନ୍ ତାଲିକାରେ ସ୍ଥାନ ପାଇ ଇତିହାସ ସୃଷ୍ଟି କରିଛନ୍ତି। ବିଶ୍ୱ ବିଦ୍ୟାଳୟ ପକ୍ଷରୁ ପ୍ରକାଶିତ ପରୀକ୍ଷା ଫଳରେ ବିକାଶ ଲ' ସ୍କୁଲ ବରଗଡ଼ର ରାକ୍ଷୀ ପଧାନ ୧ମ ରେଙ୍କ, ଶ୍ରୀୟା ସନମ୍ ପଣ୍ଡା ୨ୟ ରେଙ୍କ, ଶାଲିନୀ ବିଶି ୩ୟ ରେଙ୍କ୍, ପ୍ରିୟଙ୍କା ଭୋଇ ୪ର୍ଥ ରେଙ୍କ୍, ସଂସ୍କୃତି ପାଣିଗ୍ରାହୀ ୫ମ ରେଙ୍କ୍, ଚିନ୍ମୟା ଜଗତ୍ ୬ଷ୍ଠ ରେଙ୍କ, ପ୍ରତୀକ୍ଷା ସାହୁ ୭ମ ରେଙ୍କ୍, ସୋନାଲିକା ନାଥ ୮ମ ରେଙ୍କ୍, ଗୁଲଜାର ଫାତିମା ୯ମ ରେଙ୍କ୍, ସ୍ୱୟଂଶ୍ରୀ ରଥ ୯ମ ରେଙ୍କ୍ ଓ ଦିନେଶ ଗରଡିଆ ୧୦ମ ରେଙ୍କ୍ ରଖିଛନ୍ତି। ଏହି ସଫଳତାରେ ଅନୁଷ୍ଠାନର ଅଧ୍ୟକ୍ଷ ଡ. ବିକ୍ରମ କୁମାର ଦାସ୍ ସମସ୍ତ କୃତୀ ଛାତ୍ରଛାତ୍ରୀ, ଅଭିଭାବକ ତଥା ଅଧ୍ୟାପକ ଅଧ୍ୟାପିକା ମାନଙ୍କୁ ଅଭିନନ୍ଦନ ଜଣାଇବା ସହ ଉଚ୍ଚକୋଟିର ଶିକ୍ଷାଦାନ ଏବଂ ଛାତ୍ରଛାତ୍ରୀଙ୍କ ନିରନ୍ତର ପରିଶ୍ରମ ପାଇଁ ଏହା ସମ୍ଭବ ହୋଇପାରିଛି ବୋଲି ମତପ୍ରକାଶ କରିଛନ୍ତି। ବିକାଶ ଉଚ୍ଚ ଶିକ୍ଷାନୁଷ୍ଠାନ ସମୂହର ଏକଜିକ୍ୟୁଟିଭ୍ ଡାଇରେକ୍ଟର ଡି. ନାଗେଶ୍ୱର ରାଓ ମଧ୍ୟ ସମସ୍ତଙ୍କୁ ଅଭିନନ୍ଦନ ଜଣାଇବା ସହିତ ଅଧ୍ୟକ୍ଷ ବିକ୍ରମ କୁମାର ଦାସ ଏବଂ ସମସ୍ତ ଅଧ୍ୟାପକ, ଅଧ୍ୟାପିକା ମାନଙ୍କୁ ଏହି ସଫଳ ପ୍ରଦର୍ଶନ ପାଇଁ ପ୍ରଶଂସା କରିଛନ୍ତି।



## ଜିଲ୍ଲା ବରିଷ୍ଠ ନାଗରିକ ସଂଘର ବୈଠକ

**ବରଗଡ଼, ୨୨।୬(ସମିସ):** ଶନିବାର ଦିନ ସ୍ଥାନୀୟ ଜିଲ୍ଲା ବରିଷ୍ଠ ନାଗରିକ ସଂଘ କାର୍ଯ୍ୟାଳୟରେ ସଭାପତି ପ୍ରମୋଦ



ଝାଙ୍କରଙ୍କ ସଭାପତିତ୍ୱରେ ଏକ ସାଧାରଣ ସଭା ଅନୁଷ୍ଠିତ ହୋଇଯାଇଅଛି। ଏଥିରେ ନବ ନିର୍ବାଚିତ ମୁଖ୍ୟମନ୍ତ୍ରୀ, ବିଧାୟକ, ସାଂସଦଙ୍କୁ ସ୍ୱାଗତ କରାଯିବା ସହିତ ଜିଲ୍ଲାପାଳଙ୍କୁ ସାକ୍ଷାତ କରାଯାଇ ବରିଷ୍ଠ ନାଗରିକ ମାନଙ୍କ ପାଇଁ କି କି ସୁବିଧା ସୁଯୋଗ ଯୋଗାଇ ଦେଇ ପାରିବେ ସେ ଦିଗରେ ଆଲୋଚନା ହୋଇଥିଲା। ଏହି ସଭାରେ ବ୍ଲକ ସ୍ତରୀୟ ସଂଘ କର୍ମଚାରୀଙ୍କ ପାଇଁ ତାଲିମ ଶିବିର, ବିଶ୍ୱ ସ୍ତରୀୟ ଯୁବ ପ୍ରତିଭାଙ୍କୁ ସମ୍ମାନିତ, ଜିଲ୍ଲା ନିଶାମୁକ୍ତ ଭାରତ ଅଭିଯାନ ଟିମ ସହ ମିଳିତ କାର୍ଯ୍ୟକ୍ରମ, ଜିଲ୍ଲା ମହିଳା ବରିଷ୍ଠ ନାଗରିକ ଏକକ ଗଠନ, ବରଗଡ଼ ବ୍ଲକ ସଂଘ ପୂର୍ନଗଠନ ଆଦି ବିଷୟରେ ନିଷ୍ପତି ନିଆଗଲା। ସମ୍ପାଦକ ଗୋବିନ୍ଦ ଦାଶ, ସଂଗଠନ ସମ୍ପାଦକ କେଦାର ମିଶ୍ର, ଉପଦେଷ୍ଟା ଗୌରଚନ୍ଦ୍ର କର, ପ୍ରସନ୍ନ ପ୍ରଧାନ, ପବିତ୍ର ସରାଫ, ଦେବୀ ପଟ୍ଟନାୟକ, ଲୋକନାଥ ଆଚାର୍ଯ୍ୟ, ସ୍ୱାଧିନ ମହାରଣା, ବିରେନ୍ଦ୍ର ପ୍ରସାଦ ମିଶ୍ର, ମୋହନ ସିଂ କହ୍ନେଇ, ଲମ୍ବୋଦର ମିଶ୍ର, ଚନ୍ଦ୍ର ଶେଖର ସାହୁ, ଅଶୋକ ପସାଏତ, ସାଧୂଚରଣ ଦାଶ, ଶ୍ରୀମୁଖ ପ୍ରଧାନ ଆଦି ଯୋଗଦେଇ ନିଜ ନିଜର ମତାମତ ପ୍ରତିପାଦିତ କରିଥିଲେ। ଶେଷରେ ସାମ୍ବାଦିକ ତୁଳସୀ ଚରଣ ଦାଶ ଧନ୍ୟବାଦ ଅର୍ପଣ କରିଥିଲେ।

## ବସୁଧା ଯୋଜନାରେ ମିଳୁନି ପାଣି

**ଝାରବନ୍ଧ, ୨୨।୬(ସମିସ):**ଝାରବନ୍ଧ ବ୍ଲକ ଗୋଠୁଗୁଡା ଗ୍ରାମରେ ସରକାରଙ୍କ ହର ଘର ଜଳ ବସୁଧା ଯୋଜନାରୁ ସମସ୍ତ ଗ୍ରାମବାସୀ ଉପକୃତ ହେଉନାହାନ୍ତି। ବିଦ୍ୟୁତ ବିଭ୍ରାଟ ଆଳରେ ପ୍ରାୟ ପନ୍ଦର ଦିନ ଜଳଯୋଗାଣ ସମ୍ପୂର୍ଣ୍ଣ ବନ୍ଦ ଥିଲା। ବିଭାଗୀୟ ଅଧିକାରୀଙ୍କୁ ଜଣାଇବା ପରେ ବିଳମ୍ବରେ ମରାମତି ହେଲା। ବର୍ତ୍ତମାନ ଗ୍ରାମର ଗୋଟିଏ ପାର୍ଶ୍ୱରେ ପାଣି ହେଉଥିବା ବେଳେ ଗୋଟିଏ ପାର୍ଶ୍ୱରେ ଜନସାଧାରଣ ପାଣି ପାଇ ପାରୁନାହାନ୍ତି। ଫଳରେ ଗ୍ରାମରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି।



## ସୁରକ୍ଷା ନିୟମ ଉଲ୍ଲଂଘନ; ବିଦ୍ୟୁତ ସଂସ୍ପର୍ଶରେ ଆସି କର୍ମଚାରୀ ଆହତ
# ଠିକାସଂସ୍ଥାକୁ କଳା ତାଲିକାଭୁକ୍ତ କରାଯିବାକୁ ଦାବି

**ବରଗଡ଼, ୨୨।୬(ସମିସ)**

ଟାଟା ପାୱାର ବରଗଡ଼ ଡିଭିଜନ ଅନ୍ତର୍ଗତ ଭଟଲି ସବଡିଭିଜନରେ ଅଧିକାରୀ ତଥା ଆଉଟସୋର୍ସି ସଂସ୍ଥାର ତ୍ରୁଟି ଯୋଗୁଁ ବିଦ୍ୟୁତ୍ କର୍ମଚାରୀଙ୍କ ବିଦ୍ୟୁତ ଜନିତ ଦୁର୍ଘଟଣା ଘଟିଥିବା ଅଭିଯୋଗ ହୋଇଛି। ଗତ ଶୁକ୍ରବାର ବିଦ୍ୟୁତ ମରାମତି ପାଇଁ ଟାଟା ପାୱାରରେ ନିୟୋଜିତ ଠିକା ସଂସ୍ଥା ଗୌରବ ଏଣ୍ଟରପ୍ରାଇଜେସ ଅଧୀନରେ କାର୍ଯ୍ୟରତ ଲାଇନମ୍ୟାନ ବିଶ୍ୱମୁର୍ତ୍ତି ପ୍ରଧାନକୁ ଜିରାତରା ଫିଡର ଅନ୍ତର୍ଗତ ଗୋପଲପୁର ଦେଇ ଯାଇଥିବା ଲାଇନ୍ ମରାମତି ପାଇଁ ପଠାଯାଇ ଥିଲା। ଦୁର୍ଭାଗ୍ୟ ବଶତଃ ଉକ୍ତ ଲାଇନ୍ ମରାମତି ସମୟରେ ଲାଇନ ଚାର୍ଯ୍ୟ ହୋଇ ଯାଇଥିବାରୁ ଲାଇନମ୍ୟାନ ଶ୍ରୀ ପ୍ରଧାନ ବିଦ୍ୟୁତ ସଂସ୍ପର୍ଶରେ



ଆସିଯାଇଥିଲେ। ଗୁରୁତର ଆହତ ଅବସ୍ଥାରେ ତାଙ୍କୁ ପ୍ରଥମେ ବରଗଡ଼ ମୁଖ୍ୟ ଡାକ୍ତରଖାନା ଓ ପରେ ବୁର୍ଲାକୁ ସ୍ଥାନାନ୍ତର କରାଯାଇଥିଲା। ବୁର୍ଲାରୁ ତାଙ୍କୁ ଭୁବନେଶ୍ୱରକୁ ସ୍ଥାନାନ୍ତର କରାଯାଇଛି। ଟାଟା ପାୱାର ଅନ୍ତର୍ଗତ ବରଗଡ଼ ଡିଭିଜନ ଭଟଲି ସବଡିଭିଜନରେ ବାରମ୍ବାର ଏପରି ଦୁର୍ଘଟଣା ହେଉଥିବା ଏବଂ ପୂର୍ବରୁ ମଧ୍ୟ ବିଦ୍ୟୁତଜନିତ ଦୁର୍ଘଟଣା ଘଟି ଅନେକ ଠିକା ଶ୍ରମିକ ନିଜ ଧନ ଜୀବନ ହରାଇଥିବା ଅଭିଯୋଗ ହୋଇଛି। ସୁରକ୍ଷାର କଥା କହୁଥିବା ଟାଟା ପାୱାର ସୁରକ୍ଷା ନିୟମ ଉଲ୍ଲଂଘନ କରୁଥିବା ଠିକା ସଂସ୍ଥା ଉପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ସହିତ କଳା ତାଲିକାଭୁକ୍ତ କରିବାକୁ ଦାବି ହୋଇଛି। ଠିକା କର୍ମଚାରୀ ମାନଙ୍କୁ ଆଠ ଘଣ୍ଟାରୁ ବେଶି ସମୟ ଡ୍ୟୁଟି ଦେବା, ଉପଯୁକ୍ତ କର୍ମଚାରୀ ନ ଦେବା ଓ ସୁରକ୍ଷା ବ୍ୟବସ୍ଥା ଉପରେ ଯେଉଁ ସଂସ୍ଥା ଉଲ୍ଲଙ୍ଘନ କରିବ ତାକୁ କଳା ତାଲିକା ଭୁକ୍ତ କରାଯାଉ ବୋଲି ନିଖିଳ ଓଡ଼ିଶା ବିଦ୍ୟୁତ୍ ମଜଦୁର ମହାସଂଘର ଯୁଗ୍ମ ସମ୍ପାଦକ ଚକ୍ରଧର ପଧାନ ଓ ସଂଗଠନ ସମ୍ପାଦକ ବିସ୍ମୟ ହୋତା ବରଗଡ଼ ସର୍କଲ ଅଫିସରେ ଥିବା ସୁରକ୍ଷା ଅଧିକାରୀଙ୍କ ଠାରେ ଦାବି ଜଣାଇଛନ୍ତି।

## ପଦ୍ମପୁର ସହର ଉନ୍ନତିକରଣ ବୈଠକ

**ପଦ୍ମପୁର, ୨୨।୬ (ସମିସ):** ପଦ୍ମପୁର ସହର ତଥା ସହରର ପ୍ରମୁଖ ସ୍ଥଳୀ ଭେଁଉରିଆଛକର ଉନ୍ନତିକରଣ ସକାଶେ ପଦ୍ମପୁର ଅତିରିକ୍ତ ଜିଲ୍ଲାପାଳ କୁନାଲ ମୋତିରାମ ଚୌହାନଙ୍କ ଅଧ୍ୟକ୍ଷତା ଓ ଉପଜିଲ୍ଲାପାଳ ଆଲୋକ କୁମାର ପଟେଲଙ୍କ ଉପସ୍ଥିତିରେ ଏକ ବୈଠକ ଅନୁଷ୍ଠିତ ହୋଇ ଥିଲା। ଏଥିରେ ଜନସାଧାରଣ ଉପସ୍ଥିତ ଥିଲେ। ସହରର ପ୍ରମୁଖ ଛକର ସୌନ୍ଦର୍ଯ୍ୟକରଣ ସହ ପ୍ରସସ୍ଥ ହୋଇ ପାରିବ ସେ ବିଷୟରେ ପୁଙ୍ଖାନୁପୁଙ୍ଖ ଆଲୋଚନା ହୋଇଥିଲା। ଏହି ବୈଠକରେ ଟେକ୍ସି ସଂଘ, ନାଗରିକ କମିଟି, ବଣିକ ସଂଘ, ପୁଲିସ, ପିଡବ୍ଲୁଡି, ପିଏଚଡି, ଏନ୍ଏସି, ବନବିଭାଗ, ବିଦ୍ୟୁତ ବିଭାଗ ତଥା ଅନ୍ୟାନ୍ୟ ଅନୁଷ୍ଠାନର କାର୍ଯ୍ୟକର୍ତ୍ତା ଯୋଗଦେଇ ସହରର ସୌନ୍ଦର୍ଯ୍ୟ ପାଇଁ ନିଜର ମତାମତ ଉପସ୍ଥାପନ କରିଥିଲେ।



ଶ୍ରୀଜଗନ୍ନାଥ ମନ୍ଦିରରେ ସ୍ନାନ ପୂର୍ଣ୍ଣିମା

# ଶ୍ରଦ୍ଧାଳୁଙ୍କୁ ଗଜ ବେଶରେ ଦର୍ଶନ ଦେଲେ







**ଦେବଗଡ଼, ୨୨।୬(ସମିସ)**

ପୁରୁଣାଗଡ଼ସ୍ଥିତ ଜଗନ୍ନାଥ ମନ୍ଦିରଠାରେ ଶନିବାର ପବିତ୍ର ସ୍ନାନ ପୂର୍ଣ୍ଣିମା ରୀତିନୀତି ସହ ପାଳିତ ହୋଇଯାଇଛି। ପୂର୍ବାହ୍ନରେ ରତ୍ନ ସିଂହାସନରୁ ଶ୍ରୀବଳଭଦ୍ର, ମା' ସୁଭଦ୍ରା ଓ ଶ୍ରୀଜଗନ୍ନାଥଙ୍କ ବିଗ୍ରହକୁ ଗୋଟି ପହଣ୍ଡି କରି ସ୍ନାନ ବେଦୀକୁ ଅଣାଯାଇଥିଲା। ସେଠାରେ ଯଥା ପୂଜାବିଧି ସହ ରୀତିନୀତିରେ ତିନି ଠାକୁରଙ୍କୁ ୧୦୮ ଗଡ଼ୁ ଜଳରେ ସ୍ନାନ କରାଯାଇଥିଲା। ପରେ ସୁଗନ୍ଧିତ ଚନ୍ଦନ ଲେପ କରାଯାଇଥିଲା। ସେହିପରି ସନ୍ଧ୍ୟାରେ ଠାକୁରଙ୍କ ଗଜାନନ ବେଶ କରାଯାଇଥିଲା। ଶ୍ରୀ ଠାକୁରଙ୍କ ସ୍ନାନ ବିଧି ଦେଖିବାକୁ ବହୁ ସଂଖ୍ୟକ ଶ୍ରଦ୍ଧାଳୁ ଉପସ୍ଥିତ ଥିବା ବେଳେ ବଡ଼ପଣ୍ଡା ସନ୍ତୋଷ ନାୟକ, ପ୍ରଣୟ କୁମାର ପୁରୋହିତ, ରମେଶ ପାଢ଼ୀ, ସୁଆର ସେବାୟତ ଯତୀନ୍ଦ୍ର ଶତପଥୀ, ରୁଦ୍ର ନାରାୟଣ ନାୟକଙ୍କ ସମେତ ମନ୍ଦିରର ସମସ୍ତ ସେବାୟତ ରୀତିନୀତିରେ ବିଧି ସମ୍ପନ୍ନ କରିଥିଲେ।

**ଝାରସୁଗୁଡ଼ା:** ଝାରସୁଗୁଡ଼ା ଜିଲ୍ଲାର ବିଭିନ୍ନ ଜଗନ୍ନାଥ ମନ୍ଦିରରେ ଦେବସ୍ନାନ ପୂର୍ଣ୍ଣିମା ଅନୁଷ୍ଠିତ ହୋଇଛି। ସରବାହାଲ, ବିଟିଏମ, ପୁରୁଣା ବସ୍ତି ସମେତ କୁକୁର ଜଙ୍ଗା। ଜଗନ୍ନାଥ ମନ୍ଦିର ସମେତ ବେଲପାହାଡ଼



ସହର ସମେତ ଲଖନପୁର ବ୍ଲକର ବିଭିନ୍ନ ସ୍ଥାନରେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ପବିତ୍ର ଦେବସ୍ନାନ ପୂର୍ଣ୍ଣିମା ମହାସମାରୋହ ଅନୁଷ୍ଠିତ ହୋଇଯାଇଛି। ଏହି ପରିପ୍ରେକ୍ଷୀରେ ଗୁମାଡେରା ଆର୍ତତ୍ରାଣ କ୍ଷେତ୍ର, ବେଲପାହାଡ଼ ସ୍ଥାନୀୟ ସମଡ଼ା ଜଗନ୍ନାଥ ମନ୍ଦିର ପ୍ରାଚୀନ କ୍ଷେତ୍ର ସମେତ ଲଖନପୁର ବ୍ଲକ ଅଞ୍ଚଳରେ ଏହା ଅନୁଷ୍ଠିତ ହୋଇଛି। ସକାଳେ ତିନି ଠାକୁରଙ୍କ ପହଣ୍ଡି ବିଜୟ ପରେ ସ୍ନାନ ମଣ୍ଡପରେ ୧୦୮ ଗୋଟି କଳସ ସ୍ଥାପନ କରାଯାଇଥିଲା। ମହାପ୍ରଭୁ ଜଗନ୍ନାଥଙ୍କ ସମ୍ମୁଖରେ ୩୫ଟି, ବଳଭଦ୍ରଙ୍କ ସମ୍ମୁଖରେ ୩୩ଟି, ଦେବୀ ସୁଭଦ୍ରାଙ୍କ ସମ୍ମୁଖରେ ୨୨ଟି ଓ ସୁଦର୍ଶନଙ୍କ ପାଇଁ ୧୮ ଟି କଳସକୁ ୪ ଧାଡ଼ିରେ ସ୍ଥାପନ କରାଯାଇଥିଲା। ଏହାପରେ ଠାକୁରଙ୍କୁ ଶ୍ୱେତ ବସ୍ତ୍ର ପରିଧାନ କରାଯିବା ପରେ ମହାସ୍ନାନ କରାଯାଇଥିଲା। ଆଳତି ହୋମଯଜ୍ଞ ସହିତ ତିନି ଠାକୁରଙ୍କୁ ପୂଜାର୍ଚ୍ଚନା କରାଯାଇଥିଲା। ସକାଳେ ଓ ସନ୍ଧ୍ୟାରେ ଠାକୁରଙ୍କ ଦର୍ଶନ ପାଇଁ ବର୍ଷା ସତ୍ତ୍ୱେ ଶତାଧିକ ଶ୍ରଦ୍ଧାଳୁଙ୍କ ସମାଗମ ହୋଇଛି। ଗୁମାଡେରା ଆର୍ତ୍ତତ୍ରାଣ କ୍ଷେତ୍ରରେ ମନ୍ଦିର ପୂଜକ ବ୍ରଜସୁନ୍ଦର ଶତପଥୀ, ରଙ୍ଗାଧର ପଣ୍ଡା ପୂଜା କାର୍ଯ୍ୟ ନିର୍ବାହ କରିଥିଲେ। ମନ୍ଦିର ପରିଚାଳନା କମିଟିର ସଭାପତି ଜମିଦାର ବ୍ରଜକିଶୋର ସିଂଦେଓ, ଗୌନ୍ତିଆ ଦୁବରାଜ ନାଏକ, ଏସକେ ମହାପାତ୍ର, ଯୁଧିଷ୍ଠିର ସେଣ, ଜ୍ୟୋତି ଦାଶ, ସୁର ବେହେରା, ବଂଶୀ ମହାନ୍ତି, ସଚ୍ଚିଦାନନ୍ଦ ପଣ୍ଡା, ଶୈଳେଶ ବହିଦାର, ରାଜା ପ୍ରଧାନ, ରଶ୍ମୀରଞ୍ଜନ ବିଶ୍ୱାଳ, ଗଜେନ୍ଦ୍ର ପଣ୍ଡା, ପୂର୍ଣ୍ଣଚନ୍ଦ୍ର ଦାଶ ସାମିଲ ଥିଲେ। ସେହିପରି ସମଡ଼ା ଜଗନ୍ନାଥ ମନ୍ଦିର ପ୍ରାଚୀନ କ୍ଷେତ୍ରରେ ପୂଜକ ପଣ୍ଡିତ ଡମ୍ବରୁଧର ମିଶ୍ର, ରାଜେନ୍ଦ୍ର ମିଶ୍ର ଓ ଜିତେନ୍ଦ୍ର ମିଶ୍ର ପୂଜାର୍ଚ୍ଚନା କରିଥିବା ବେଳେ ପ୍ରଫୁଲ୍ଲ ରଥ ଓ ତାଙ୍କ ପତ୍ନୀ ପିଙ୍କି କର୍ତ୍ତା ଭାବେ ଦାୟିତ୍ୱ ନିର୍ବାହ କରିଥିଲେ। ମନ୍ଦିର ପରିଚାଳନା କମିଟିର ସାଧାରଣ ସମ୍ପାଦକ ସତ୍ୟ ପ୍ରକାଶ ମହାନ୍ତି, ଗୁଣନିଧି ପତି, ଶ୍ୟାମ ସୁନ୍ଦର ଶତପଥୀ, ମନୋଜ ଅଗ୍ରୱାଲ, ପ୍ରଦୀପ ପଶାୟତ, ସଞ୍ଜୟ ପ୍ରଧାନ, ଘନ ପ୍ରଧାନ, ଲାଲସାହେବ ସେନାପତି, କୃଷ୍ଣ ପସାୟତ ପ୍ରମୁଖଙ୍କ ସମେତ ଶତାଧିକ ଶ୍ରଦ୍ଧାଳୁଙ୍କ ସମାଗମ ହୋଇଥିଲା।

## ବିବାହ ପ୍ରସ୍ତାବ ମନା କରିବାରୁ ଛାତ୍ରୀଙ୍କୁ ଅପହରଣ

**ଦେବଗଡ଼, ୨୨।୬(ସମିସ):** କୁଣ୍ଢେଇଗୋଳା ଥାନା ଅଞ୍ଚଳର ଜଣେ ପୁଅର ବିବାହ ପ୍ରସ୍ତାବକୁ କନ୍ୟା ଘର ଅଗ୍ରାହ୍ୟ କରିବାରୁ ପ୍ରତିଶୋଧ ପରାୟଣ ହୋଇ ଯୁକ୍ତ ତିନି ଦ୍ୱିତୀୟ ବର୍ଷ ଛାତ୍ରୀକୁ ଉକ୍ତ ପୁଅ ଅପହରଣ କରିନେଇଥିବ। ଅପହୃତା ଛାତ୍ରୀଙ୍କ ପିତା କୁଣ୍ଢେଇଗୋଳା ଥାନାରେ ଅଭିଯୋଗ କରିଛନ୍ତି। ଅଭିଯୋଗ ଆଧାରରେ କୁଣ୍ଢେଇଗୋଳା ଥାନା ପୁଲିସ ଏକ ଅପହରଣ ସମେତ ବିଭିନ୍ନ ଦଫାରେ ମାମଲା ରୁଜୁ କରି ଘଟଣାର ତଦନ୍ତ ଆରମ୍ଭ କରିଛି। ସୂଚନାନୁଯାୟୀ, କୁଣ୍ଢେଇଗୋଳା ଥାନା ଅନ୍ତର୍ଗତ ଜୁରାଡ଼ଙ୍ଗା ଗ୍ରାମର ବିଜୟ ଦେହୁରୀଙ୍କ ପୁଅ ସିପୁନ ଦେହୁରୀଙ୍କ ବିବାହ ପ୍ରସ୍ତାବକୁ କନ୍ୟାପକ୍ଷ ଅଗ୍ରାହ୍ୟ କରିବାରୁ ଏଥିରେ ଦେହୁରୀ ପରିବାର ପ୍ରତିଶୋଧ ପରାୟଣ ହୋଇ ପଡ଼ିଥିଲେ। ଗତ ଗୁରୁବାର ଛାତ୍ରୀ ଜଣକ କଲେଜ ଯିବା ବାଟରେ ସିପୁନ ତାଙ୍କ ବାପାଙ୍କ ପ୍ରରୋଚନାରେ ବଳପୂର୍ବକ ଅପହରଣ କରିନେଇଥିଲେ। ଅପହରଣ ପଛରେ ସିପୁନଙ୍କ ବାପା ବିଜୟଙ୍କ ହାତ ଥିବା ଛାତ୍ରୀଙ୍କ ପିତା ଅଭିଯୋଗ କରିଛନ୍ତି। ସମ୍ବଲପୁର ଜିଲ୍ଲା ନାକଟିଦେଉଳ ଅଞ୍ଚଳରେ ରହୁଥିବା ସିପୁନର ଜଣେ ସମ୍ପର୍କୀୟ ଦୁର୍ଯ୍ୟୋଧନ ବେହେରା ଫୋନ ଯୋଗେ ସିପୁନ ଛାତ୍ରୀକୁ ନେଇଥିବା ଭିଡିଓ ତାଙ୍କ ପାଖରେ ବୋଲି ଫୋନରେ ଛାତ୍ରୀଙ୍କ ବାପାଙ୍କୁ କହିଥିଲେ। ଝିଅ ଘରକୁ ଗଲେ ପେଟ୍ରୋଲ ଢାଳି ଜିଅନ୍ତା ଜାଳି ଦେବାର ଧମକ ସିପୁନଙ୍କ ମା' ଦେଉଥିବାରୁ ଝିଅର ଜୀବନ ପ୍ରତି ବିପଦ ଥିବା ଏତଲାରେ ଉଲ୍ଲେଖ କରିଛନ୍ତି। ଅନ୍ୟପକ୍ଷରେ କୁଣ୍ଢେଇଗୋଳା ଥାନା ପୁଲିସ ମାମଲାକୁ ଗୁରୁତର ନେଇ ତଦନ୍ତ ଆରମ୍ଭ କରିଛି।

**ଅପହୃତା ଝିଅ ଯୁକ୍ତ-୩ ଦ୍ୱିତୀୟ ବର୍ଷ ଛାତ୍ରୀ**

## ରାଜସ୍ୱ ମନ୍ତ୍ରୀଙ୍କୁ ଭବ୍ୟ ସ୍ୱାଗତ



**ବ୍ରଜରାଜନଗର, ୨୨।୬(ସମିସ):** ଝାରସୁଗୁଡ଼ା ଜିଲ୍ଲା ବ୍ରଜରାଜନଗର ନିର୍ବାଚନମଣ୍ଡଳୀର ନବନିର୍ବାଚିତ ବିଧାୟକ ତଥା ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀଙ୍କୁ ବ୍ରଜରାଜନଗର ଅଞ୍ଚଳରେ ଭବ୍ୟ ସ୍ୱାଗତ କରାଯାଇଛି। ଶ୍ରୀ ପୂଜାରୀ ମନ୍ତ୍ରୀ ହେବାପରେ ଶୁକ୍ରବାର ପ୍ରଥମ ଥର ପାଇଁ ବ୍ରଜରାଜନଗର ଗସ୍ତରେ ଆସିଥିବାରୁ ଦଳୀୟ ନେତା ଓ କର୍ମୀ ବେଶ୍ ଉତ୍ସାହିତ ଥିବା ଦେଖିବାକୁ ମିଳିଥିଲା। ମନ୍ତ୍ରୀଙ୍କୁ ୪୯ ନମ୍ବର ଜାତୀୟ ରାଜପଥର ବରଘାଟଠାରେ ପ୍ରଥମେ ସ୍ୱାଗତ କରାଯାଇ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଥିଲା। ପରେ ଗଣ୍ଡଘୋରା ଗ୍ରାମରେ ଥିବା ମା' ମୂଳଗୁଡି ମନ୍ଦିରକୁ ଯାଇ ପୂଜାର୍ଚ୍ଚନା କଲାପରେ ୪୯ ନଂ ଜାତୀୟ ରାଜପଥର ଗାନ୍ଧୀ ଛକଠାରେ ଦଳୀୟ କର୍ମୀ ଓ ନେତାମାନେ ସ୍ୱାଗତ ଜଣାଇଥିଲେ। ସେଠାରେ ତ୍ରିନାଥ ମନ୍ଦିରରେ ପୂଜାର୍ଚ୍ଚନା ପରେ ରାଜପୁର ସମଲେଇ ମନ୍ଦିରକୁ ଯାଇ ପୂଜାର୍ଚ୍ଚନା କରିଥିଲେ। ପରବର୍ତ୍ତୀ ସମୟରେ ଗାନ୍ଧୀ ଛକଠାରୁ ଏକ ବିଶାଳ ମୋଟରସାଇକେଲ ଶୋଭାଯାତ୍ରାରେ ମନ୍ତ୍ରୀ ମୁଖ୍ୟ ସହରକୁ ଯାଇଥିଲେ। ବିଜୁ ପଟ୍ଟନାୟକ ଛକ, ମଧୁସୂଦନ ଛକ ଓ ଗୁରୁନାନକ ଛକଠାରେ ସ୍ଥାନୀୟ ଜନସାଧାରଣ ବିପୁଳ ସ୍ୱାଗତ ଜଣାଇଥିଲେ। ଏମସିଏଲ ଇବ ଭ୍ୟାଲି ଏରିଆ ଗେଷ୍ଟ ହାଉସଠାରେ ମହାପ୍ରବନ୍ଧକ ଅୱଧ କିଶୋର ପାଣ୍ଡେ ପୁଷ୍ପଗୁଚ୍ଛ ଓ ଉପଢ଼ୌକନ ଦେଇ ସ୍ୱାଗତ ଜଣାଇଥିଲେ।

## ତିନି ଦିନ ଧରି ଲଗାଣ ବର୍ଷା

**ଝାରସୁଗୁଡ଼ା, ୨୨।୬(ସମିସ):** ଝାରସୁଗୁଡ଼ା ସହର ସମେତ ଆଖପାଖ ଅଞ୍ଚଳରେ ଗତ ତିନି ଦିନ ଧରି ଲଗାଣ ବର୍ଷା ହୋଇଛି। ସନ୍ଧ୍ୟା ସମୟରେ ବର୍ଷା ହେବା ଫଳରେ ଲୋକେ ଆଶ୍ୱସ୍ତି ଲାଭ କରିଥିବା ବେଳେ ଚାଷୀଙ୍କ ମନରେ ଖୁସି ଦେଖିବାକୁ ମିଳିଛି। ମୌସୁମୀର ଆଗମନ ଯୋଗୁଁ ଝାରସୁଗୁଡ଼ାରେ ବର୍ଷା ଲାଗିରହିଛି। ପନିପରିବା ସାଙ୍ଗକୁ ଧାନ ଚାଷ ପାଇଁ ବର୍ଷା ସହାୟକ ହେବ। ଶନିବାର ଦେବସ୍ନାନ ପୂର୍ଣ୍ଣିମା ଅବସରରେ ବର୍ଷା ମଧ ହୋଇଛି। ଆଜି ବର୍ଷା ଯୋଗୁଁ ସରବାହାଲ ରେଳ ଫାଟକ ମୁଖ୍ୟ ରାସ୍ତାରେ ପାଣି ଜମି ଯିବାରୁ ଲୋକେ ଯିବା ଆସିବାରେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହୋଇଛନ୍ତି। ବର୍ଷା ଯୋଗୁଁ ସହରରେ ବିଦ୍ୟୁତ କାଟ ହୋଇଛି।

## ମହାନଦୀ କୋଇଲା ଖଣି ଠିକା ଶ୍ରମିକ କଂଗ୍ରେସର ସାଧାରଣ ସଭା

**ଝାରସୁଗୁଡ଼ା, ୨୨।୬(ସମିସ):** ଆଇଟିୟୁସି ଅନୁବନ୍ଧିତ ମହାନଦୀ କୋଇଲା ଖଣି ଠିକା ଶ୍ରମିକ କଂଗ୍ରେସର ବାର୍ଷିକ ସାଧାରଣ ସଭା ବନ୍ଧବାହାଲସ୍ଥିତ କଲ୍ୟାଣ ମଣ୍ଡପରେ ଶନିବାର ଅନୁଷ୍ଠିତ ହୋଇଯାଇଛି। ଶ୍ରମିକ ନେତା ରମେଶ ତ୍ରିପାଠୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ଶ୍ରମିକମାନେ ନିଜ ନିଜ ସମସ୍ୟା ଉପସ୍ଥାପନ କରିଥିଲେ। ସଙ୍ଗଠିତ ହୋଇ ଶ୍ରମିକମାନେ ସାମୂହିକ ସ୍ୱାର୍ଥ ପାଇଁ ଲଢେଇ କରିବା ସହ ନିଷ୍ଠାପର ଭାବରେ କାର୍ଯ୍ୟ କରିବା ପାଇଁ ଶ୍ରମିକ ନେତାମାନେ ଆହ୍ୱାନ କରିଛନ୍ତି। ବୋନସ, ଗ୍ରାଚ୍ୟୁଇଟୀ, ୬୦ ବର୍ଷ ପର୍ଯ୍ୟନ୍ତ ନିରନ୍ତର କାର୍ଯ୍ୟ, ସମାନ କାମ ପାଇଁ ସମାନ ଦରମା ଆଦି ପ୍ରସଙ୍ଗକୁ ନେଇ ଏମସିଏଲ୍ କର୍ତ୍ତୃପକ୍ଷଙ୍କ ନିକଟରେ ଦାବି ରଖିବା ପାଇଁ ସର୍ବସମ୍ମତ ପ୍ରସ୍ତାବ ଗୃହୀତ ହୋଇଛି। ଏହି ଅବସରରେ ସଭାପତି ଭାବରେ ରମେଶ ତ୍ରିପାଠୀ ଓ ସମ୍ପାଦକ ଚୂଳଦେବ ଭୋଇ ସର୍ବସମ୍ମତି କ୍ରମେ ନିର୍ବାଚିତ ହୋଇଛନ୍ତି। ଇବ୍, ବସୁନ୍ଧରା, ତାଳଚେର, ଲଖନପୁର କ୍ଷେତ୍ରରେ ସ୍ୱତନ୍ତ୍ର ବୈଠକ ହୋଇ କେନ୍ଦ୍ରୀୟ କମିଟି ପାଇଁ ସଦସ୍ୟମାନଙ୍କୁ ନିର୍ବାଚିତ କରାଯିବା ପାଇଁ ନିଷ୍ପତ୍ତି ହୋଇଛି। ଏହି ବୈଠକରେ ତାଳଚେର ଅଞ୍ଚଳରୁ ରଞ୍ଜିତ ସାହୁ, ବାଉରୀବନ୍ଧୁ ପ୍ରଧାନ, ପ୍ରେମଜିତ ବେହେରା, ଲଖନପୁର କ୍ଷେତ୍ରରୁ ସୁରଥ ବାଗ, ବରୁଣ କାଲୁ, ବିଜୟ ମିର୍ଦ୍ଧା, ପ୍ରକାଶ ବାଗ, ଉପେନ୍ଦ୍ର ଛତିରିଆ ଓ ସମୀର କୁମାରଙ୍କ ସମେତ ହଜାରରୁ ଅଧିକ ଶ୍ରମିକ ସଙ୍ଗଠନର ସଦସ୍ୟ ଯୋଗ ଦେଇଥିଲେ। ମଦନ ମେହେର ଧନ୍ୟବାଦ ଅର୍ପଣ କରିଥିଲେ।

ପ୍ରେମ ପରେ ଦୁଷ୍କର୍ମ

## ଅନ୍ତରଙ୍ଗ ମୁହୂର୍ତ୍ତର ଫଟୋ ଭାଇରାଲ୍ କରି ଯୁବକ ଗିରଫ

**ଦେବଗଡ଼, ୨୨।୬(ସମିସ):** ଦେବଗଡ଼ ଥାନାଞ୍ଚଳ ଅନ୍ତର୍ଗତ ଗୁଣ୍ଡୁରୀପୋଷି ଗ୍ରାମର ଜଣେ ଯୁବକ ଜଣେ ଯୁବତୀଙ୍କୁ ପ୍ରେମ ଜାଲରେ ଫସାଇ ତାଙ୍କ ସହ ଦୁଷ୍କର୍ମ ଓ ପରେ ଅନ୍ତରଙ୍ଗ ମୁହୂର୍ତ୍ତର ଫଟୋ ଭାଇରାଲ କରି ଯୁବକ ଜଣଙ୍କ ଗିରଫ ହୋଇଛି। ଗିରଫ ଯୁବକ ଜଣଙ୍କ ହେଉଛନ୍ତି ଅନିଲ ସାହୁ। ସେ ୨ ବର୍ଷର୍ ତଳେ ନିକଟସ୍ଥ ଏକ ଗ୍ରାମର ଜଣେ ଆଦିବାସୀ ଯୁବତୀଙ୍କ ସହ ଫୋନ ଯୋଗେ କଥାବାର୍ତ୍ତା କରିବା ସହ ପ୍ରେମ ସମ୍ପର୍କ ସ୍ଥାପନ କରିଥିଲେ। ଏପରିକି ଅନିଲ ଛଳନା କରି ଉକ୍ତ ଯୁବତୀଙ୍କଠାରୁ ୩୦ ହଜାର ଟଙ୍କା ମଧ ନେଇଥିଲେ। ୨୦୨୩ ମେ ୮ ତାରିଖ ରାତିରେ ଅନିଲ ଯୁବତୀଙ୍କ ଘର ବାଡ଼ି ପଛକୁ ଆସି ତାଙ୍କୁ ଫୋନ ଯୋଗେ ଡକାଇଥିଲେ। ସେଠାରେ ଯୁବତୀଙ୍କ ଅନିଚ୍ଛା ସତ୍ତ୍ୱେ ଅନିଲ ଶାରୀରିକ ସମ୍ପର୍କ ରଖି ଅନ୍ତରଙ୍ଗ ମୁହୂର୍ତ୍ତର ଭିଡିଓ ଉତ୍ତୋଳନ କରିଥିଲା। ଏଥିସହ ଭିଡିଓ ଭାଇରାଲ କରିବାର ଧମକ ଦେଇ ଅନିଲ ପରବର୍ତ୍ତୀ ସମୟରେ ଉକ୍ତ ଯୁବତୀଙ୍କୁ ବାରମ୍ବାର ଦୁଷ୍କର୍ମ କରିଥିଲେ। ଏଥିରେ ବ୍ୟଥିତ ହୋଇ ଯୁବତୀ ଜଣକ ଅନିଲ ସହ ସମ୍ପର୍କ ଛିନ୍ନ କରିଥିଲେ। ଏଥିରେ ଉତକ୍ଷିପ୍ତ ହୋଇ ଅଭିଯୁକ୍ତ ଅନିଲ ହ୍ୱାଟ୍ସଆପ୍ ଓ ଇନଷ୍ଟାଗ୍ରାମରେ ଯୁବତୀଙ୍କ ଅନ୍ତରଙ୍ଗ ମୁହୂର୍ତ୍ତର ଫଟୋ ଭାଇରାଲ କରିଥିଲା। ଗତ ବୁଧବାର ଯୁବତୀ ଜଣକ ନିଜ ପରିବାର ଲୋକଙ୍କ ସହ ରମ୍ଭାଦେବୀ ମେଳା ଦେଖିବାକୁ ଯାଇଥିବା ବେଳେ ସେଠାରେ ଅନିଲ ଯୁବତୀଙ୍କୁ ନିକଟସ୍ଥ ଜଙ୍ଗଲକୁ ଯିବାକୁ ଜିଦ୍ କରିଥିଲା। ଯୁବତୀ ଜଣକ ଏଥିରେ ଅରାଜି ହେବାରୁ ଅନିଲ ସର୍ବ ସମ୍ମୁଖରେ ଯୁବତୀଙ୍କ ବିଭିନ୍ନ ସମ୍ବେଦନଶୀଳ ଅଙ୍ଗରେ ହାତ ମାରି ନାନା ହଇରାଣ କରିଥିଲା। ଫଳରେ ଯୁବତୀ ଜଣକ ଗୁରୁବାର ଏନେଇ ଦେବଗଡ଼ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଅଭିଯୋଗ ଆଧାରରେ ପୁଲିସ ଠକେଇ, ଦୁଷ୍କର୍ମ, ହତ୍ୟା ଧମକ, ଗାଳିଗୁଲଜ ଓ ମାଡ଼ ମାରିବା ଆଦି ବିଭିନ୍ନ ଧାରାରେ ମାମଲା ରୁଜୁ କରି ଅନିଲକୁ ଗିରଫ କରି ଶନିବାର କୋର୍ଟ ଚାଲାଣ କରିଛି। ଜାମିନ ନା ମଞ୍ଜୁର ହେବାରୁ ଅଭିଯୁକ୍ତଙ୍କୁ ଜେଲ ହାଜତକୁ ପଠାଇ ଦିଆଯାଇଛି। ଏହି ମାମଲାର ତଦନ୍ତ ଏସଡିପିଓ ସୌମ୍ୟରଞ୍ଜନ ମଲ୍ଲିକ କରୁଛନ୍ତି।



## ବିଶିଷ୍ଟ କଳାକାର ଗୌରୀ ସିଂହଙ୍କ ପରଲୋକ

**କୋଲାବିରା, ୨୨।୬(ସମିସ):** ନିଜସ୍ୱ ଉଦ୍ୟମରେ ଅଞ୍ଚଳରେ ଏକ କଳା ବିକାଶ କେନ୍ଦ୍ର ପ୍ରତିଷ୍ଠା କରି ସଭାପତି ଦାୟିତ୍ୱ ତୁଲାଇଥିବା ଜଣାଶୁଣା ବିଶିଷ୍ଟ କଳାକାର ଗୌରୀ ସିଂହ (୮୪) ଙ୍କ ପରଲୋକ ଘଟିଛି। କୋଲାବିରା ବ୍ଲକ ଅନ୍ତର୍ଗତ ଦଣ୍ଡାବୁଡା ଗ୍ରାମର ମୂଳ ବାସିନ୍ଦା ତଥା ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ଶ୍ରୀ ସିଂହ ଅଞ୍ଚଳର କଳା ପ୍ରତିଭାକୁ ଲୋକଲୋଚନକୁ ଆଣିବାକୁ ଅଦମ୍ୟ ପ୍ରୟାସ କରିଛନ୍ତି। କୋଲାବିରା, ଲଇକେରା, କିର୍ମିରା ତିନୋଟି ବ୍ଲକ ସମେତ ଅଞ୍ଚଳର ଗୌରୀ ଆଜ୍ଞା ଭାବେ ବେଶ ସୁପରିଚିତ। କେବଳ ସେ ଜଣେ ଭଲ ଶିକ୍ଷକ କାହିଁକି ସେ ଏକାଧାରରେ ଜଣେ ବିଦ୍ୱାନ, ସାହିତ୍ୟପ୍ରେମୀ, ନାଟ୍ୟକାର, ଖେଳାଳି, ସଙ୍ଗଠକ, ପରିଚାଳକ ତଥା ଧର୍ମପ୍ରାଣ ଭାବରେ ସମଗ୍ର ପଶ୍ଚିମ ଓଡ଼ିଶା ତାଙ୍କର ସୁନାମ ରହିଛି। ଅଯୋଧ୍ୟା ନଗର ଠାରେ ତାଙ୍କରି ପ୍ରୟାସରେ ଗଢି ଉଠିଥିଲା ବ୍ଲକ ସ୍ତରୀୟ କଳା ବିକାଶ କେନ୍ଦ୍ର ଓ ସ୍ୱର ଝଙ୍କାର ସାହିତ୍ୟ ସଂସଦର ସେ ଥିଲେ ମୁଖ୍ୟ ଉପଦେଷ୍ଟା। ସେ ଗତ ୧୫ ଦିନ ଧରି ଅସୁସ୍ଥ ହୋଇ ଝାରସୁଗୁଡାସ୍ଥିତ ଏକ ଘରୋଇ ହସ୍ପିଟାଲରେ ଚିକିତ୍ସା ପରେ ଘରକୁ ଫେରିଥିଲେ। ଶୁକ୍ରବାର ଭୋରରୁ ସେ ଶେଷ ନିଃଶ୍ୱାସ ତ୍ୟାଗ କରିଛନ୍ତି। ତାଙ୍କ ବିୟୋଗରେ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି। ବିଭିନ୍ନ ବର୍ଗର ବ୍ୟକ୍ତି ବିଶେଷ ତଥା ଅନୁଷ୍ଠାନ ପକ୍ଷରୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଛି। ଗାଁ ମଶାଣିରେ ଶେଷକୃତ୍ୟ ସମ୍ପନ୍ନ କରାଯାଇଛି।



## କୋଲାବିରାରେ ମହାପ୍ରଭୁଙ୍କ ସ୍ନାନଯାତ୍ରା



**କୋଲାବିରା, ୨୨।୬(ସମିସ):** ରଥଯାତ୍ରାର ଆଦ୍ୟପର୍ବ ପ୍ରସିଦ୍ଧ ସ୍ନାନଯାତ୍ରା ଅବସରରେ ଚତୁର୍ଦ୍ଧା ମୂରତି ମନ୍ଦିରରୁ ବାହାରି ସ୍ନାନ ବେଦିରେ ଭକ୍ତଙ୍କୁ ଦର୍ଶନ ଦେଇଛନ୍ତି। ଏଇ ଉପଲକ୍ଷେ ଆଜି ମହାପ୍ରଭୂଙ୍କ ଶ୍ରୀଅଙ୍ଗରେ ସେନାପଟି ଲାଗି ଅନ୍ୟାନ୍ୟ ନୀତି ଶେଷ ହୋଇଛି। ଏହି ଅବସରରେ ଶନିବାର କୋଲାବିରା ଜଗନ୍ନାଥ ମନ୍ଦିରରେ ଦେବସ୍ନାନ ପୂର୍ଣ୍ଣିମା ମହାସମାରୋହରେ ସମ୍ପନ୍ନ ହୋଇଯାଇଛି। କୋଲାବିରା ଜମିଦାର ବୀର ଅମରେନ୍ଦ୍ର ପ୍ରତାପ ସିଂ କର୍ତ୍ତା ରୂପେ ଯୋଗ ଦେଇଥିଲେ। ପୂଜକ ବିଜୟ କୁମାର ପୁଝାରୀ ଏବଂ ଓମ ପ୍ରକାଶ ପୂଝାରୀ ପୂଜା କାର୍ଯ୍ୟ ସମ୍ପାଦନ କରିଥିବା ବେଳେ ଜଗନ୍ନାଥ ମନ୍ଦିର ପରିଚାଳନା କମିଟିର ବୀରେନ୍ଦ୍ର କୁମାର ପହାପାତ୍ର, ସଲିତ କୁଅଁର, ଲଲିତ ସାହୁ, ଅଶୋକ ବେହେରା, ଯଜାତି କେଶରୀ ବେହେରା, ବୁଲୁ ଟଣକାର, ଶଙ୍କର ମରାଇ, ଶୁଭେନ୍ଦୁ ଦାସ, ଅଟଳ ମିଶ୍ର, ଅଙ୍କିତ ବହିଦାର, ଅଦ୍ୟାସା ବହିଦାର, ଆୟାଂସ ଅସ୍ମିତ ବହିଦାର, ଅଥର୍ବ ଆୟୁଷ୍ମାନ ବହିଦାର, ମିନି ଟଣ୍ଡକାର, ପଦ୍ମିନୀ ହୋତା, ଦଶରଥ ରାଏ, କୀର୍ତ୍ତିଚନ୍ଦ୍ର ବହିଦାରଙ୍କ ସମେତ ବହୁ ଶ୍ରଦ୍ଧାଳୁ ଯୋଗ ଦେଇଥିଲେ। ସ୍ନାନ ପୂର୍ଣ୍ଣିମାର ସ୍ନାନ ପରେ ଠାକୁର ଜ୍ୱର ବାଧିକାରେ ପଡ଼ି ଭକ୍ତଙ୍କୁ ଦର୍ଶନ ଦିଅନ୍ତି ନାହିଁ। ଏହି ସମୟରେ ପଟି ଦିଅଁ ପୂଜା ପାଇଥାନ୍ତି।

## ବେଲପାହାଡ଼ ଅସ୍ଥାୟୀ ସଫେଇ କର୍ମଚାରୀଙ୍କ ଆନ୍ଦୋଳନ

## ଜିଲ୍ଲାପାଳଙ୍କ ସହିତ ପୌରାଧକ୍ଷଙ୍କ ଆଲୋଚନା

**ଝାରସୁଗୁଡ଼ା, ୨୨।୬(ସମିସ):** ବର୍ଦ୍ଧିତ ଦରମା ଦାବିରେ ପୌର ଠିକା ସଫେଇ କର୍ମଚାରୀଙ୍କ ଧର୍ମଘଟ ୧୨ ଦିନରୁ ଅଧିକ ସମୟ ପହଞ୍ଚିଛି। ଠିକା ଶ୍ରମିକଙ୍କୁ ଉଚିତ ପ୍ରାପ୍ୟ ପ୍ରଦାନ କରିବା ସହିତ ଏମାନଙ୍କ ସମସ୍ୟାର ସମାଧାନ କରିବାକୁ ଜିଲ୍ଲାପାଳଙ୍କୁ ଦାବିପତ୍ର ପ୍ରଦାନ କରିବା ସହିତ ଆଲୋଚନା କରିଛନ୍ତି ବେଲପଡ଼ା ନଗରପାଳ ନିମାଇଁ ଚରଣ ପଣ୍ଡା। ସଫେଇ କର୍ମଚାରୀଙ୍କ ଅଭିଯୋଗ ଅନୁସାରେ ନିକଟ ଅତୀତରେ ପ୍ରଶାସନ ପକ୍ଷରୁ ସମସ୍ତ ବର୍ଗର ଶ୍ରମିକମାନଙ୍କ ପାରିଶ୍ରମିକ ପ୍ରାପ୍ୟ ଶହେ ଟଙ୍କା ଲେଖାଏଁ ବୃଦ୍ଧି କରିବାକୁ ଘୋଷଣା ହୋଇଥିଲା। ହେଲେ ବେଲପାହାଡ଼ ପୌର ଅସ୍ଥାୟୀ ଠିକା ସଫେଇ କର୍ମଚାରୀମାନଙ୍କୁ ଏଯାଏ ବର୍ଦ୍ଧିତ ଆଧାରରେ ଦରମା ପ୍ରଦାନ କରାଯାଇ ନାହିଁ ବୋଲି ସେମାନେ ଅଭିଯୋଗ କରିଛନ୍ତି। ବେଲପାହାଡ଼ ପୌର ପରିଷଦ ପକ୍ଷରୁ ମୋଟ ୮୫ ଜଣ ମହିଳା ଓ ପୁରୁଷ ଠିକା ସଫେଇ କର୍ମଚାରୀ କାର୍ଯ୍ୟ କରୁଛନ୍ତି। ସେମାନଙ୍କ ମଧ୍ୟରୁ କିଏ ଦୀର୍ଘ ୧୮ ବର୍ଷ ତ କିଏ ୧୦ ବର୍ଷ ତ ଆଉ କିଏ ୬ ବର୍ଷରୁ ଅଧିକ ଧରି ନିଷ୍ଠାର ସହିତ ନିଜ କାର୍ଯ୍ୟ କରିଆସୁଛନ୍ତି। ବେଲପାହାଡ଼ ସହରର ମୁଖ୍ୟ ରାସ୍ତାଠାରୁ ଆରମ୍ଭ କରି ସହରର ସମସ୍ତ ଗଳିକନ୍ଦିରେ ଥିବା ନାଳ ନର୍ଦ୍ଦମା, ଆବର୍ଜନା ଗଦା ସମସ୍ତ ସଫେଇ କରିବା ତଥା ସହରକୁ ସ୍ୱଚ୍ଛତା ଓ ପ୍ରଦୂଷଣ ମୁକ୍ତ ରଖିବାରେ ସେମାନଙ୍କ ଭୂମିକା ଅତି ଗୁରୁତ୍ୱପୂର୍ଣ୍ଣ। ସେମାନେ ପୂର୍ବରୁ ଗୋଟିଏ ଦିନକ ପିଛା ୩୫୨ ଟଙ୍କା ଲେଖାଏଁ ପାରିଶ୍ରମିକ ପାଉଥିବା ବେଳେ ବର୍ତ୍ତମାନ ତାହା ବର୍ଦ୍ଧିତ ଆଧାରରେ ୪୫୦ ଟଙ୍କା ଯାଏ ଦରମା ପାଇବାକୁ ଦାବି କରିଛନ୍ତି। ଏପରିକି ୫ ଜଣ କର୍ମଚାରୀଙ୍କୁ ୬୦ ବର୍ଷ ହେଲା ବୋଲି କହି ୨ରୁ ୩ ମାସର ଦରମା ଦିଆଯାଉନାହିଁ କି କାମ ମଧ ଦିଆଯାଉନଥିବା ଅଭିଯୋଗ ହୋଇଛି। ଏହି ଧର୍ମଘଟ ଯୋଗୁଁ ବେଲପାହାଡ଼ ସହର ଅଳିଆ ଅବର୍ଜନାରେ ପରିପୂର୍ଣ୍ଣ ହୋଇପଡ଼ିଛି। ଆଗାମୀ ଦିନରେ ବେଲପାହାଡ଼ ସହର ଅସ୍ୱାସ୍ଥ୍ୟକର ପରିବେଶ ସହିତ ଅଳିଆ ଅବର୍ଜନା ପାଇଁ ଯଦି ରୋଗ ବ୍ୟାପେ ତେବେ ଏଥିପାଇଁ ବେଲାପାହାଡ଼ ପୌର ପରିଷଦ ଦାୟୀ ହେବନାହିଁ ବୋଲି ପୌରାଧକ୍ଷ ନିମାଇଁ ଚରଣ ପଣ୍ଡା କହିଛନ୍ତି।

## ନୂତନ ଅପରାଧିକ ଅଧିନିୟମ ସମ୍ପର୍କିତ ତାଲିମ୍



**ଝାରସୁଗୁଡ଼ା, ୨୨।୬(ସମିସ):** ଝାରସୁଗୁଡ଼ା ଜିଲ୍ଲା ପୁଲିସ କାର୍ଯ୍ୟାଳୟରେ ଶନିବାର ନୂତନ ଅପରାଧିକ ଅଧିନିୟମ ସମ୍ପର୍କିତ ତାଲିମ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ନୂତନ ଭାବରେ ପ୍ରଣୟନ ହୋଇଥିବା ନୂତନ କ୍ରିମନାଲ ଲ ସମ୍ପର୍କିତ ଏହି ତାଲିମ କାର୍ଯ୍ୟକ୍ରମରେ ଜିଲ୍ଲାର ବିଭିନ୍ନ ଥାନାର ପୁଲିସ ଅଧିକାରୀ ମାନେ ଉପସ୍ଥିତ ଥିଲେ। ନୂତନ କ୍ରିମନାଲ ଲ ଅନୁସାରେ କିଭଳି ଭାବରେ ପୁଲିସ ବିଭିନ୍ନ କ୍ଷେତ୍ରରେ ବ୍ୟବହାର କରିପାରିବ ସେ ନେଇ ଏହି ତାଲିମ ଦିଆଯାଇଛି।

ଖଣିରେ ବ୍ଲାଷ୍ଟିଂ ପାଇଁ ଘର ଫାଟିବା ଘଟଣା

# ଏମ୍‌ସିଏଲ୍ ଅଧିକାରୀଙ୍କୁ ୬ଘଣ୍ଟା ଅଟକ ରଖିଲେ ଗ୍ରାମବାସୀ

**ଝାରସୁଗୁଡ଼ା, ୨୨।୬(ସମିସ)**

ବେଲପାହାଡ଼ ପୌରାଞ୍ଚଳ ଅନ୍ତର୍ଗତ ଖୁଖେଲମାଲ ଗ୍ରାମରେ ଏମସିଏଲ ଅଧାକାରୀଙ୍କୁ ୬ ଘଣ୍ଟାଧରି ଅଟକ ରଖିଲେ ଗ୍ରାମବାସୀ। ପରେ ଏମସିଏଲର ବରିଷ୍ଠ ଅଧିକାରୀଙ୍କ ହସ୍ତକ୍ଷେପ ପରେ ଛାଡ଼ି ଦିଆଯାଇଛି। ସୂଚନାନୁଯାୟୀ, ଏମସିଏଲ ଇବ୍‌ଭ୍ୟାଲି କ୍ଷେତ୍ରର ସମଲେଶ୍ୱରୀ ଖୋଲାମୁହଁ କୋଇଲା ଖଣି ଖୁଖେଲମାଲ ଗ୍ରାମର ଅତି ନିକଟତମ ହୋଇଥିବାରୁ ନିୟମିତ ବ୍ଲାଷ୍ଟିଂ ଯୋଗୁଁ ଅନେକ ଲୋକଙ୍କ ଘର କାନ୍ଥ ଭାଙ୍ଗିବା ସହିତ ଛାତରୁ ପ୍ଲାଷ୍ଟର ଖସି ପଡ଼ୁଛି। କିଛିଦିନ ତଳେ ସମଲେଶ୍ୱରୀ ଖୋଲାମୁହାଁ କୋଇଲା ଖଣିରେ ବ୍ଲାଷ୍ଟିଂ କାରଣରୁ ଖୁଖେଲମାଲ ଗ୍ରାମର ହରେଶ ପ୍ରଧାନ, ମାନସ ପ୍ରଧାନଙ୍କ ୨୦ ଫୁଟ ପାଚେରୀ ଓ ରମା ପ୍ରଧାନଙ୍କ ଘର କାନ୍ଥ ଭାଙ୍ଗିଯିବାରୁ ଗ୍ରାମବାସୀମାନେ ଖଣିର ପ୍ରକଳ୍ପ ଅଧିକାରୀଙ୍କୁ ଅଭିଯୋଗ କରିଥିଲେ। ପ୍ରକଳ୍ପ ଅଧିକାରୀ ତାଙ୍କର କେତେକ ଅଧିକାରୀଙ୍କୁ ଖୁଖେଲମାଲ ଗ୍ରାମକୁ ପଠେଇଥିଲେ। ଏମସିଏଲର ଅଧିକାରୀମାନେ ଆସି ବ୍ଲାଷ୍ଟିଂ ଦ୍ୱାରା ଭାଙ୍ଗିଥିବା ପାଚେରୀ ଦେଖିବାକୁ ଆସିଥିବାବେଳେ ଗ୍ରାମବାସୀମାନେ ସେମାନଙ୍କୁ କ୍ଷତିପୂରଣ ଦେବା ସହ ଲିଖିତ ଭାବରେ ପ୍ରତିଶ୍ରୁତି ଦେବାକୁ ଦାବି କରିଥିଲେ। ଯେ ପର୍ଯ୍ୟନ୍ତ ସେମାନେ ଲିଖିତ ଭାବରେ ପ୍ରତିଶ୍ରୁତି ନ ଦେଇଛନ୍ତି ସେ ପର୍ଯ୍ୟନ୍ତ ତାଙ୍କୁ ଛାଡ଼ିବେ ନାହିଁ ବୋଲି ଗ୍ରାମବାସୀ କହିବାରୁ ଅପ୍ରୀତିକର ପରିସ୍ଥିତି ସୃଷ୍ଟି ହୋଇଥିଲା। ସକାଳ ୧୦ଟାରୁ ଅପରାହ୍ଣ ୪ଟା ପର୍ଯ୍ୟନ୍ତ ୬ ଘଣ୍ଟା ଧରି ଗାଁରେ କର୍ମଚାରୀଙ୍କୁ ଅଟକ ରଖିଥିଲେ। ପରେ ଏମ୍‌ସିଏଲ ବରିଷ୍ଠ ଅଧିକାରୀଙ୍କ ହସ୍ତକ୍ଷେପ ପରେ ଗ୍ରାମବାସୀ ଅଟକ ରଖିଥିବା ୪ ଜଣ ଅଧିକାରୀଙ୍କୁ ଛାଡ଼ିଥିବା ଜଣାପଡ଼ିଛି।



■ ଗଞ୍ଜେଇ ଚାଲାଣରେ ସମ୍ବଲପୁର ରାସ୍ତା ମାଫିଆଙ୍କ ପାଇଁ ସୁଗମ

## ୧୫ ଲକ୍ଷର ଗଞ୍ଜେଇ ଜବତ; ୨ ଗିରଫ



**ସମ୍ବଲପୁର, ୨୨।୬(ସମିସ):** ସମ୍ବଲପୁର ଶାସନ ଟୋଲ ଗେଟ୍‌ରେ ଅବକାରୀ ବିଭାଗ ପକ୍ଷରୁ ଯାଞ୍ଚ ବେଳେ ଆଜି ଗଞ୍ଜେଇ ଜବତ ହୋଇଛି। ଅବକାରୀ ପୁଲିସ ଗାଡ଼ି ଯାଞ୍ଚ ବେଳେ ଝାଡ଼ଖଣ୍ଡ ନମ୍ବର (ଜେଏଚ୍-୧୩-ଜି୬୪୫୪) ବିଶିଷ୍ଟ ଏକ ଧଳା କାର ଆସି ପହଞ୍ଚିଥିଲା। ଧଳା ଜରି ବ୍ୟାଗ ଥିବା ଦେଖି ଯାଞ୍ଚ ହୋଇଥିଲା। ସେଥିରୁ ଗଞ୍ଜେଇ ବାହାରି ଥିଲା। ଅବକାରୀ ବିଭାଗ ୧ କ୍ୱିଣ୍ଟାଲ ୫୦ କିଲୋ ଗଞ୍ଜେଇ ଜବତ କରିଥିଲା। ଏହି ମାମଲାରେ ଦୁଇ ଜଣଙ୍କୁ ଗିରଫ କୋର୍ଟ ଚାଲାଣ କରାଯାଇଛି। ସେମାନେ ହେଲେ ଝାଡ଼ଖଣ୍ଡର ବିଦ୍ୟାଞ୍ଚଳ ସିଂହ(୨୨) ଓ ଜିତେନ୍ଦ୍ର କୁମାର ମେହେତା(୨୫)। ଜବତ ଗଞ୍ଜେଇର ମୂଲ୍ୟ ପାଖାପାଖି ୧୫ ଲକ୍ଷ ଟଙ୍କା ହେବା ସହ ଏହା ଫୁଲବାଣୀରୁ ଝାଡଖଣ୍ଡ ଯାଉଥିବା ଅବକାରୀ ଏସ୍‌ପି ଅଶୋକ ସେଟ୍ କହିଛନ୍ତି। ସମ୍ବଲପୁର ସହର ଦେଇ ନିତିଦିନ ଗଞ୍ଜେଇ ଚୋରା ଚାଲାଣ କରୁଛନ୍ତି। ମାଫିଆମାନେ ସମ୍ବଲପୁର ଜିଲ୍ଲା ରାଜପଥକୁ ସୁଗମ ଭାବି ଗଞ୍ଜେଇ ନେବା ଆଣିବା କରୁଛନ୍ତି। ସମ୍ବଲପୁର ଜିଲ୍ଲା ଦେଇ ଝାଡଖଣ୍ଡ, କଲିକତା, ଛତିଶଗଡ଼ ଅଞ୍ଚଳକୁ ଗଞ୍ଜେଇ ଯାଉଥିବା ସୂଚନା ରହିଛି।

ଖୋଲୁଛି ଡାଇକ୍ ରାସ୍ତାରେ ଫ୍ଲାଏଆଶ୍ ଆସିବା ଗୁମର

# ସାଟେଲାଇଟ୍ ଛବିରୁ ସ୍ୱଷ୍ଟ ହେଉଛି ଚିତ୍ର

ସମ୍ବଲପୁର, ୨୨।୬ (ସମିସ)

ଭାରତର ଗୌରବ ତଥା ସମ୍ବଲପୁରର ଗର୍ବ ହୀରାକୁଦ ବନ୍ଧର ଡାଇକ ରାସ୍ତାରେ ଆଶ୍ ପରିବହନ ହେବା ସାଙ୍ଗକୁ ସେଠାକାର ରାସ୍ତା ଦବୁଥିବା ନେଇ ଗତକାଲି ଖବର ପ୍ରକାଶନ ହୋଇଥିଲା। ଏନେଇ ପ୍ରଦୂଷଣ ବିଭାଗ ତଥା ସ୍ଥାନୀୟ ଜିଲ୍ଲା ପ୍ରଶାସନ ଓ ଶାସନ ପୁଲିସ ନୀରବଦ୍ରଷ୍ଟା ସାଜିଥିବା ନେଇ ଚାରି ଆଡୁ ଅଭିଯୋଗ ହୋଇଆସୁଥିବା ବେଳେ ଫ୍ଲାଏ ଆଶ୍ କେଉଁଠାରେ ଡମ୍ପିଂ ହେଉଛି ତାର ପ୍ରମାଣ ସକାଳ ହାତରେ ଲାଗିଛି। ପ୍ରଶାସନ ତଥା ଆଶ୍ ମାଫିଆ ଡମ୍ପିଂ ସ୍ଥାନ ଯେତେ ଲୁଚାଇଲେ ବି ତାହା ସାଟେଲାଇଟ ଛବିରୁ ଧରାପଡ଼ିଯାଇଛି। ହୀରାକୁଦ ଜଳଭଣ୍ଡାର ସନ୍ନିକଟରେ ଥିବା ଯୋଗୀପାଲି, ପିତାପାଲି ଓ ଲରଭଙ୍ଗା ଅଞ୍ଚଳରେ ଥିବା ଜଙ୍ଗଲ ଜମି ତଥା ସରକାରୀ ଜମିରେ ଆଶ୍ ମାଫିଆ ମାନେ ବେଆଇନ ଭାବରେ ଫ୍ଲାଏ ଆଶ୍ ଆଣି ଡମ୍ପିଂ କରୁଥିବା ପ୍ରମାଣ ମିଳିଛି। ସମ୍ପୃକ୍ତ ଗାଁ ଗୁଡିକରେ ବେଧଡକ ଭାବରେ ପ୍ରତ୍ୟେକ ଦିନ ଶହ ଶହ



ହାଇୱାରେ ଫ୍ଲାଏ ଆଶ୍ ଏଠାରେ ଡମ୍ପିଂ କରାଯାଉଛି। ଏନେଇ ପ୍ରଦୂଷଣ ବିଭାଗ ପକ୍ଷରୁ କୌଣସି ଲିଖିତ ଅନୁମତି ତ ଦୂରର କଥା ସ୍ଥାନୀୟ ଅଞ୍ଚଳରୁ ଏନଓସି ମଧ୍ୟ ନିଆଯାଇ ନାହିଁ। ସେଠାରେ ଡମ୍ପିଂ ହେଉଥିବା ଆଶ୍ କୁ ହୀରାକୁଦ ବନ୍ଧର ଡାଇକ ଓ ତଳ ରାସ୍ତାରେ ଅଣାଯାଉଥିବା ବେଳେ ସେହି ରାସ୍ତାରେ ଆଶ୍ ପଡ଼ି ଅଞ୍ଚଳଟି ପ୍ରଦୂଷିତ ହୋଇ ସାରିଲାଣି। ଏହା ସହ ଡାଇକ ରାସ୍ତା ଦବି ଯାଉଛି। ତଳ ରାସ୍ତା ଗତ ବର୍ଷ ନୂଆଁ ପିଚୁ ପଡ଼ି ମରାମତି ହୋଇଥିଲା ହେଲେ ଗୋଟିଏ ବର୍ଷ ନଯାଉଣୁ ଆଶ୍ ମାଫିଆଙ୍କ ବେଆଇନ କାର୍ଯ୍ୟରେ ତାହା ଦବିବା ସହ ବିଭିନ୍ନ ସ୍ଥାନରେ ପିଚୁ ଉଠି ଯାଇ ରାସ୍ତା ଖରାପ ହୋଇ ସାରିଲାଣି। ଏନେଇ ଲରଭଙ୍ଗାର ସ୍ଥାନୀୟ ଅଧିବାସୀ ଅଭିଯୋଗ କରିବା ପରେ ଫ୍ଲାଏ ଆଶ୍ ବେପାରୀ ତଥା ମାଫିଆ ମାନେ ଧମକ ଚମକ ଦେଉଥିବା ଅଭିଯୋଗ ହେଉଛି। କିଛି ଜଣଙ୍କର ସ୍ୱାର୍ଥ ପାଇଁ ଅଞ୍ଚଳଟି ବିଷ ବଳୟକୁ ଠେଲି ହୋଇଯିବା ସାଙ୍ଗକୁ ସେଠାରେ ଆଉ କିଛି ଦିନ ପରେ ପାଉଁଶ ପାହାଡ଼ ଛିଡା ହୋଇଯିବ। ସାଟେଲାଇଟ ଛବିରୁ ସେହି ଅଞ୍ଚଳରେ ଆଶ୍ ପଡୁଥିବାର ସ୍ୱଷ୍ଟ ଜଣାପଡୁଥିବା ବେଳେ ପୁଲିସ କିମ୍ବା ପରିବହନ ଓ ପ୍ରଦୂଷଣ ବିଭାଗ କେମିତି ଟେର୍ ପାଉନାହାନ୍ତି ତାହା ବୁଝାପଡୁନି। ଫଳରେ ପ୍ରଦୂଷଣ ବିଭାଗର ନିୟମକୁ ଜଳାଞ୍ଜଳି ଦେଇ ଆଶ୍ ଡମ୍ପିଂ କରୁଥିବା ବ୍ୟକ୍ତିଙ୍କ ଉପରେ ଦୃଢ କାର୍ଯ୍ୟାନୁଷ୍ଠାନ ପାଇଁ ଦାବି ହୋଇଛି।

## ଗଜାନନ ବେଶରେ ଦର୍ଶନ ଦେଲେ ଭାବଗ୍ରାହୀ

**ସମ୍ବଲପୁର, ୨୨।୬(ସମିସ):** ଆଜି ଜ୍ୟେଷ୍ଠ ଶୁକ୍ଳ ପକ୍ଷ ପୂର୍ଣ୍ଣିମା ତିଥିରେ ସାରା ରାଜ୍ୟ ସହିତ ସମ୍ବଲପୁର ସହରରେ ଭାବଗ୍ରାହୀ ମହାପ୍ରଭୁ ଜଗନ୍ନାଥଙ୍କ ସ୍ନାନ ଯାତ୍ରା ଅନୁଷ୍ଠିତ





ହୋଇଛି। ବିଧି ଓ ପରମ୍ପରା ଅନୁଯାୟୀ ଭୋର ସମୟରେ ମହାପ୍ରଭୁ ଜଗନ୍ନାଥ, ବଳଭଦ୍ର, ଦେବୀ ସୁଭଦ୍ରାଙ୍କ ସ୍ନାନ କରାଯାଇଥିଲା। ପରେ ମହାପ୍ରଭୁ ଗଜାନନ ବେଶରେ ଭକ୍ତ ମାନଙ୍କୁ ଦର୍ଶନ ଦେଇଥିଲେ। ସ୍ନାନ ବେଦୀରେ ଚତୁର୍ଦ୍ଧାମୂର୍ତ୍ତିଙ୍କ ଦର୍ଶନ ପାଇଁ ଭକ୍ତମାନଙ୍କ ବିଶେଷ ସମାଗମ ହୋଇଥିଲା। ପରମ୍ପରାନୁଯାୟୀ ବ୍ରହ୍ମପୁରା ମନ୍ଦିରରୁ ଜଗନ୍ନାଥ, ବଳଭଦ୍ର ଓ ଦେବୀ ସୁଭଦ୍ରା ସେନାପଟା ଲାଗି ହେବା ଉତାରୁ ଧାଡ଼ି ପହଣ୍ଡିରେ ସକାଳ ୪ ଟା ୩୦ ସମୟରେ ଗମ୍ଭୀରାରୁ ସ୍ନାନ ମଣ୍ଡପକୁ ଆସି ବିରାଜିଥିଲେ। ସେଠାରେ ସ୍ୱତନ୍ତ୍ର ପୂଜାର୍ଚ୍ଚନା ସହିତ ପରମ୍ପରା ଅନୁସାରେ ମନ୍ଦିର ଚୂଡ଼ାର ଧ୍ୱଜା ପରିବର୍ତ୍ତନ କରାଯାଇ ନୂତନ ଧ୍ୱଜା ଲଗାଯାଇଥିଲା। ପରେ ଝାଡୁଆପଡ଼ାର ଏକ ପୁରାତନ କୂଅରୁ ଅଣା ଯାଇଥିବା ୧୦୮ ଗରା(ଗରିଆ) ଜଳରେ ଅଗୁର, ସର୍ବୌଷଧୀ, ଚନ୍ଦନ, କର୍ପୁର, ଗୋଲା ଜଳ, ବିଭିନ୍ନ ତୀର୍ଥ କ୍ଷେତ୍ରରୁ ସଂଗୃହୀତ ଜଳ ମିଶ୍ରଣ କରାଯାଇଥିଲା। ସେହି ପବିତ୍ର ସୁବାସିତ ଜଳରେ ବିଗ୍ରହମାନେ ସ୍ନାନ କରିଥିଲେ। ଝାଡୁଆପଡ଼ାର ବ୍ରହ୍ମପୁରା ସହିତ ମହାନ୍ତିପଡ଼ାର ଦଧିବାମନ, କୁଞ୍ଜେଲପଡ଼ାର ହୋତାପଡ଼ା, ହାଟପଡ଼ାର ସତ୍ୟବାଦୀ, ଦଲେଇପଡ଼ାର ମଦନମୋହନ ଓ ଲିଆଖାଇ, ନନ୍ଦପଡ଼ାର ଯଜ୍ଞବରାହ, ଗୁରୁପଡ଼ାର ଟିମିନି, ବାଲିବନ୍ଧାର କୋଠା ମହାପ୍ରଭୁ, ମୁଦିପଡ଼ାର ଜଗନ୍ନାଥ, ମଠପାଲିର ରାନିମଠ, ଭତ୍ରାର ରାମଜୀ ମଠ, ଧନୁପାଲିର ଗୋପାଲଜୀ, କମଳିବଜାରର ଗୋପାଲଜୀମଠର ଜଗନ୍ନାଥ, ବୁଢ଼ାରଜା, ଧନକଉଡ଼ା, ଗୋଲବଜାର, କ୍ଷେତରାଜପୁର, ବଡ଼ବଜାର, ବାଲିବନ୍ଧାର ରଘୁନାଥଜୀଉ ମନ୍ଦିର, ସାକ୍ଷୀପଡ଼ାର ରାଧାମଦନଗୋପାଳ ମନ୍ଦିରରେ ଶ୍ରୀ ଜଗନ୍ନାଥଙ୍କ ସ୍ନାନ ଯାତ୍ରା ଅନୁଷ୍ଠିତ ହୋଇଛି। ସ୍ନାନବେଦୀରେ ସାନ୍ଧ୍ୟ ଆଳତୀ ପରେ ବିଗ୍ରହମାନଙ୍କୁ ଅଣସର ଘରକୁ ନିଆଯାଇଥିଲା।

## ବୁଦ୍ଧି ଖଟାଇ ଅପହରଣକାରୀଙ୍କ ଠାରୁ ବର୍ତ୍ତିଲେ ନାବାଳିକା

■ ଧନୁପାଲି ଘର ସମ୍ମୁଖରୁ କାର୍‌ରେ ନେଇଯାଇଥିଲେ

■ ୫ ଘଣ୍ଟା ପରେ ବରଗଡ଼ ଷ୍ଟେସନରୁ ଉଦ୍ଧାର

**ସମ୍ବଲପୁର, ୨୨।୬(ସମିସ):** ଧନୁପାଲି ଘର ସମ୍ମୁଖରେ ସନ୍ଧ୍ୟା ପ୍ରାୟ ୭ଟା ସମୟରେ ଅପହରଣକାରୀମାନେ କାର ଯୋଗେ ନେଇଯାଇଥିଲେ। ସମ୍ବଲପୁର ଷ୍ଟେସନରୁ ଟ୍ରେନରେ ପୁଣି ରାଜ୍ୟ ବାହାରକୁ ଚାଲାଣ କରୁଥିଲେ। ହେଲେ ୧୨ ବର୍ଷର ନବାଳିକାଙ୍କ ବୁଦ୍ଧି ଯୋଗୁଁ ନିଜକୁ ଅପହରଣକାରୀଙ୍କ କବଳରୁ ଛଡାଇ ପାରିଥିଲେ। ଚତୁରତା ଓ ସାହାସିକତା କାମ କରିଛନ୍ତି ନାବାଳିକା। ବରଗଡ଼ ଷ୍ଟେସନରେ ଟ୍ରେନରୁ ଓହ୍ଲାଇ ଆରପିଏଫ ପୁଲିସ ପାଖକୁ ଦୌଡି ଯାଇଥିଲେ। ଅପହରଣ ଘଟଣା ବିଷୟରେ ସବୁ କଥା କହିଥିଲେ। ପୁଲିସ କର୍ମଚାରୀ ଜଣଙ୍କ ସୁରକ୍ଷା ଦେଇଥିଲେ। ହେଲେ ଅପହରଣକାରୀଙ୍କୁ କାବୁ କରିବା ପୂର୍ବରୁ ଟ୍ରେନ ଛାଡି ଦେଇଥିଲା। ଅଗାମୀ ଷ୍ଟେସନରେ ସେମାନେ ଗାଏବ ହୋଇ ଯାଇଥିଲେ। ପରିବାର ବର୍ଗ ବରଗଡ଼ ଥାନାରୁ ନାବାଳିକାଙ୍କୁ ଘରକୁ ଆଣିଛନ୍ତି। ଆଜି ସକାଳେ ଧନୁପାଲି ଥାନାରେ ଅଭିଯୋଗ କରିଛନ୍ତି। ଏହା ଶୁଣିଲେ ବାସ୍ତବରେ ଚଳଚିତ୍ରର କାହାଣୀ ଭଳିଆ ଲାଗି ଥାଇପାରେ। ହେଲେ ବାସ୍ତବରେ ଧନୁପାଲି ଥାନା ଅଞ୍ଚଳର ଜଣେ ୧୨ ବର୍ଷର ନାବାଳିକାଙ୍କ ସାହସିକତାର ଉଦାହରଣ। ଅଭିଯୋଗ କ୍ରମେ ଗତକାଲି ସନ୍ଧ୍ୟାରେ ଧନୁପାଲି ଛକରୁ ୩ରୁ ୪ ଜଣ ଯୁବକ ଆସି ଗାଡିରେ ବସାଇ ନେଇ ଯାଇଥିଲେ। ସେମାନେ ପୁଲିସକୁ ଚକମା ଦେବା ପାଇଁ ଟ୍ରେନରେ ପୁଣି ନେବାକୁ ଯୋଜନା କରିଥିଲେ। ସମ୍ବଲପୁର ଷ୍ଟେସନରେ ମଧ୍ୟ ନାବାଳିକାଙ୍କ ଜଣଙ୍କ ଚାଲାକି କରି ନିୟୋଜିତ ପୁଲିସକୁ ଅପହରଣ ଘଟଣା ସମ୍ପର୍କରେ ସୂଚନା ଦେଇଥିଲା। ହେଲେ ଅପହରଣକାରୀମାନେ ନାବାଳିକାର ମାନସିକ ସ୍ଥିତି ଠିକ ନଥିବା ପୁଲିସକୁ କହିଥିଲେ। ପୁଲିସ ମଧ୍ୟ ପରିବାର ବର୍ଗ ବୋଲି ଭାବିନେଇଥିଲା। ସମ୍ବଲପୁର ଷ୍ଟେସନରୁ ଟ୍ରେନରେ ବସି ବରଗଡ଼ ପଟକୁ ଯାଉଥିଲେ। ବରଗଡ଼ ଷ୍ଟେସନ ପହଞ୍ଚିବା ପରେ ଟ୍ରେନରୁ ନାବାଳିକା ଜଣକ ଡେଇଁ ପୁଲିସ ପାଖକୁ ପଳାଇଥିଲେ। ପୁଲିସକୁ ସବୁ କଥା କହି ଦେଇଥିଲେ। ପରିବାର ବର୍ଗଙ୍କ ଅଭିଯୋଗ କ୍ରମେ ଧନୁପାଲି ଥାନାରେ ଏକ ମାମଲା ରୁଜୁ କରାଯାଇଛି। ପୁଲିସ ତଦନ୍ତ ଆରମ୍ଭ କରିଛି। ନାବାଳିକାଙ୍କୁ ପଚରା ଉଚୁରା କରିଛି। ଏହା ସହ ଏକ ଟିମ ଧନୁପାଲି ଛକରେ ଥିବା ସିସିଟିଭି ଯାଞ୍ଚ କରିଥିବା ଜଣାପଡ଼ିଛି। ପରିବାର ବର୍ଗ ଷ୍ଟେସନର ସିସିଟିଭି ଯାଞ୍ଚ କଲେ ନିଶ୍ଚିତ ଭାବେ ଅପହରଣକାରୀମାନେ ଚିହ୍ନଟ ହୋଇ ପାରିବେ ଓ ଗିରଫ ହେବେ ବୋଲି କହୁଛନ୍ତି।

## ନେହେରୁ ଯୁବକେନ୍ଦ୍ର ପକ୍ଷରୁ ଯୋଗ ଦିବସ



**ସମ୍ବଲପୁର, ୨୨।୬(ସମିସ):** ମାଝିପାଲି ସ୍ଥିତ ହୋମିଓପାଥି ମେଡିକାଲ କଲେଜରେ ନେହେରୁ ଯୁବ କେନ୍ଦ୍ର ସଂଗଠନ ପକ୍ଷରୁ ଅନ୍ତର୍ଜାତୀୟ ଯୋଗ ଦିବସ ପାଳିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ କଲେଜର ପ୍ରିନ୍ସପାଲ ଡା. ଦୀପ୍ତିକାନ୍ତ ସିଂ, ସମ୍ମାନିତ ଅତିଥି ରୁଦ୍ର ଆଚାର୍ଯ୍ୟ ଯୋଗ ଦେଇଥିଲେ। ଡା. ସୁସ୍ମିତା ସ୍ୱାଗତ ଭାଷଣ ଦେଇଥିବା ବେଳେ ମମତା ପ୍ରଧାନ ଶିବିରକୁ ପରିଚାଳନା କରିଥିଲେ। ଅତିଥିମାନେ ଯୋଗର ଆବଶ୍ୟକତା ଉପରେ ଆଲୋକପାତ କରିଥିଲେ। କ୍ଲବର ସଦସ୍ୟ ସହ କଲେଜ ଛାତ୍ରଛାତ୍ରୀ ଓ ଅଧ୍ୟାପକ ଅଧ୍ୟାପିକା ଶିବିରରେ ଯୋଗାଭ୍ୟାସ କରିଥିଲେ। ଜିଲ୍ଲା ଯୁବ ଅଧିକାରୀ ମାରିଆନୁସ ବିଲୁଂଗ କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ।

## ମହିଳା ମହାବିଦ୍ୟାଳୟରେ ଯୋଗ ଦିବସ

**ସମ୍ବଲପୁର, ୨୨।୬(ସମିସ):** ଆନ୍ତର୍ଜାତିକ ଯୋଗ ଦିବସ ଅବସରରେ ସମ୍ବଲପୁର ସରକାରୀ ମହିଳା ମହାବିଦ୍ୟାଳୟର ଯୋଗ ସମାରୋହ ଉତ୍ସବମୟ ହୋଇ ଉଠିଛି। ଦୁଇଟି ପର୍ଯ୍ୟାୟରେ ଏଠାରେ ଯୋଗ ଦିବସ ପାଳିତ



ହୋଇଥିଲା। ପ୍ରଥମ ପର୍ଯ୍ୟାୟରେ ସକାଳ ୬ଟାରୁ ଛାତ୍ରୀ ପଞ୍ଜିକରଣ ଓ ଉଦ୍‌ବୋଧନ ଆଦି କାର୍ଯ୍ୟକ୍ରମ ଆରମ୍ଭ ହୋଇ ଠିକ୍ ୭ଟା ବେଳେ ଅଧକ୍ଷା ପ୍ରଫେସର ରାଜଶ୍ରୀ ବରାଳଙ୍କ ଦ୍ୱାରା ଦୀପ ପ୍ରଜ୍ୱଳନ ପୂର୍ବକ ପ୍ରାର୍ଥନା, ସୁକ୍ଷ୍ମ ବ୍ୟାୟାମ, ସୂର୍ଯ୍ୟ ନମସ୍କାର, ଆସନ ପ୍ରାଣାୟମ ଓ ଶାନ୍ତିପାଠ ଭଳି ଯୌଗିକ କର୍ମ ସମାପନ ହୋଇଥିଲା। ପ୍ରଥମ ପର୍ଯ୍ୟାୟ ଶେଷରେ ଏହି ଦିବସ ଉପଲକ୍ଷେ ଅନୁଷ୍ଠିତ ବିଭିନ୍ନ ପ୍ରତିଯୋଗିତାରେ ବିଜୟିନୀମାନଙ୍କୁ ପୁରସ୍କୃତ କରାଯାଇଥିଲା। ଦ୍ୱିତୀୟ ପର୍ଯ୍ୟାୟରେ ଭାରତ ସରକାରଙ୍କ ସୂଚନା ଏବଂ ପ୍ରସାରଣ ମନ୍ତ୍ରଣାଳୟର ସମ୍ବଲପୁର କ୍ଷେତ୍ର ପ୍ରସାରଣ ବିଭାଗ ପକ୍ଷରୁ ଆଦିବାସୀ ନୃତ୍ୟରୁ ଯୋଗ ଉତ୍ସବ ଆରମ୍ଭ ହୋଇଥିଲା। କ୍ଷେତ୍ର ପ୍ରସାରଣ ଅଧିକାରୀ ମନମୋହନ ପାଢ଼ୀ, ମହାବିଦ୍ୟାଳୟର ଅଧକ୍ଷା ପ୍ରଫେସର ବରାଳଙ୍କ ପୌରୋହିତ୍ୟରେ ଯୋଗ ପ୍ରଶିକ୍ଷିକା ମିଲି ବେହେରା ଛାତ୍ରୀମାନଙ୍କୁ ଯୋଗାଭ୍ୟାସ କରାଇଥିଲେ। ଏହା ସହିତ ଛାତ୍ରୀମାନଙ୍କ ମଧ୍ୟରେ ଯୋଗାସନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଏଥିରେ ଗୁଞ୍ଜି ପାଇକ, ସୁରଭି କୁମୁରା ଓ ରାକ୍ଷୀ ଛୁରା ଯଥାକ୍ରମେ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ସ୍ଥାନ ପାଇ ପୁରସ୍କୃତ ହୋଇଥିଲେ। ଏହା ସହିତ ଛାତ୍ରୀମାନଙ୍କୁ ସୁସ୍ଥ ଜୀବନ ଚର୍ଯ୍ୟା ପାଇଁ ଯୋଗର ଆବଶ୍ୟକତା ଉପରେ ଗୁରୁତ୍ୱ ଦେଇ ଅଧକ୍ଷା ପ୍ରଫେସର ବରାଳ କହିଥିଲେ ଯେ ଯୋଗ ଜୀବନର ଏକ ଆବଶ୍ୟକୀୟ ଅଙ୍ଗ ଅଟେ। ଏଣୁ ଯୋଗ ହିଁ ଜୀବନ ଏବଂ ଜୀବନ ବି ଯୋଗ ଅଟେ। ଯୋଗ କାର୍ଯ୍ୟକ୍ରମକୁ ସାମଗ୍ରିକ ଭାବେ ଅଧ୍ୟାପକ ଯୋଗେଶ ଚନ୍ଦ୍ର ଭୋଇ ସଂଯୋଜନା କରିଥିଲେ। ଅଧ୍ୟାପକ ଡ. ପ୍ରଶାନ୍ତ କୁମାର ପ୍ରଧାନ ପ୍ରାଥମିକ ପର୍ଯ୍ୟାୟର ଯୋଗ ପରିଚାଳନା କରି ଶେଷରେ ଧନ୍ୟବାଦ ଅର୍ପଣ କରିଥିଲେ। ଅଧକ୍ଷ ପ୍ରଫେସର ବରାଳ ସ୍ୱାଗତ ସମ୍ଭାଷଣ ପ୍ରଦାନ କରିଥିଲେ। ଏହି ଉତ୍ସବରେ ଶତାଧିକ ଛାତ୍ରୀ ତଥା ଅଧ୍ୟାପିକା, ଅଧ୍ୟାପକ ଓ କର୍ମଚାରୀ ଯୋଗ ଦେଇଥିଲେ।

## ନୃସିଂହ ଗୁରୁ ଟାଉନ ହାଇସ୍କୁଲରେ ଯୋଗ ଦିବସ

**ସମ୍ବଲପୁର, ୨୨।୬(ସମିସ):** ନୃସିଂହ ଗୁରୁ ଟାଉନ ହାଇସ୍କୁଲ ପୁରାତନ ଛାତ୍ର ସଂସଦ ଆନୁକୂଲ୍ୟରେ ସ୍କୁଲରେ ଅନ୍ତର୍ଜାତୀୟ ଯୋଗ



ଦିବସ ପାଳନ କରାଯାଇଛି। ଏହି ସଚେତନତା ସଭାରେ ସଭାପତି ଡ. ପରେଶ ଦାନୀ ସଭାପତିତ୍ୱ କରି ଛାତ୍ରମାନଙ୍କୁ ଯୋଗର ମହତ୍ତ୍ୱ ଉପରେ ଆଲୋକପାତ କରିଥିଲେ। ସମ୍ପାଦକ ଦୀନବନ୍ଧୁ ପଣ୍ଡା ସମସ୍ତଙ୍କୁ ସ୍ୱାଗତ କରି ଯୋଗର ଆନ୍ତର୍ଜାତିକ ଦିନ ମିଳିତ ଜାତିସଂଘର ସ୍ୱୀକୃତି ପରେ ବିଶ୍ୱର ୧୭୭ ଦେଶ ଜୁନ ୨୧ ତାରିଖ ଦିନ ସମୂହ ଭାବେ ପାଳନ କରୁଛନ୍ତି। ସ୍କୁଲର ପ୍ରଧାନ ଶିକ୍ଷକ ମନ୍ମଥ ମେହେର ଯୋଗ ଦ୍ୱାରା ବୌଦ୍ଧିକ ବିକାଶରେ ସହାୟକ ହୋଇଥାଏ ବୋଲି ଉଲ୍ଲେଖ କରିଥିଲେ। ମୁଖ୍ୟ ଅତିଥି ଭାରତୀୟ ଯୋଗ ସଂସ୍ଥାନର ସମ୍ବଲପୁର କ୍ଷେତ୍ର ପ୍ରମୁଖ ପ୍ରାଣବନ୍ଧୁ ବେହେରା ଯୋଗର ଉପକାରିତା ତଥା ଉଭୟ ଦେହ ମନ କିପରି ସୁସ୍ଥ ରହିବ ସେ ବିଷୟରେ ଅଧିକ ସୂଚନା ଦେଇଥିଲେ। ସାଧିକା ଶିବାନୀ ସୁନା, ଅଳକା ମହାପାତ୍ର, ପୁଷ୍ପାଞ୍ଜଳି ଓ ସାଧକ ବିରେନ୍ଦ୍ର ମେହେର, ବାବଲୁ ବିଶ୍ୱାଳ ଛାତ୍ରମାନଙ୍କୁ ଯୋଗାଭ୍ୟାସ କରାଇଥିଲେ। ସର୍ବଶେଷରେ ଅଖିଳ ରଞ୍ଜନ ପଟ୍ଟନାୟକ ଧନ୍ୟବାଦ ଅର୍ପଣ କରିଥିଲେ। ପୁରାତନ ଛାତ୍ର ବେଦବ୍ୟାସ ସୂପକାର ଓ କୈଳାଶ ଚନ୍ଦ୍ର ମିସ୍ତ୍ରୀ ଏହି କାର୍ଯ୍ୟକ୍ରମକୁ ସହଯୋଗ କରିଥିଲେ।

## ବୁଢାରଜା ହାଇସ୍କୁଲରେ ଯୋଗ ଦିବସ



**ସମ୍ବଲପୁର, ୨୨।୬(ସମିସ):** ପତଞ୍ଜଳି ଯୋଗପୀଠ, ଭାରତ ସ୍ୱାଭିମାନ ସମ୍ବଲପୁରର ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ୧୦ତମ ଅନ୍ତର୍ଜାତୀୟ ଯୋଗ ଦିବସ ସ୍ଥାନୀୟ ବୁଢାରଜା ହାଇସ୍କୁଲ ପଡ଼ିଆରେ ମହା ସମାରୋହରେ ଆୟୋଜିତ ହୋଇଯାଇଛି। ମୁଖ୍ୟ ଅତିଥି ଯଜ୍ଞାଚାର୍ଯ୍ୟ ଦିନମଣୀ ବାରିକ, ସମ୍ମାନୀତ ଅତିଥି ପ୍ରଧାନ ଶିକ୍ଷୟତ୍ରୀ ପୁଷ୍ପାଞ୍ଜଳି ସାହୁ, ଶିକ୍ଷକ ହରିନାରାୟଣ ପଣ୍ଡାଙ୍କ ସହ ପତଞ୍ଜଳି ପରିବାରର ଭଉଣୀ ଭାଇ ଦୀପ ପ୍ରଜ୍ୱଳନ ପୂର୍ବକ ଯୋଗ ମହୋତ୍ସବକୁ ଶୁଭାରମ୍ଭ କରି ବିଶ୍ୱ ଶାନ୍ତି ପାଇଁ ଯଜ୍ଞ କୁଣ୍ଡରେ ଘୃତାହୁତି ଅର୍ପଣ କରିଥିଲେ। ଓଡ଼ିଶାର ପଞ୍ଚାୟତରାଜ ମନ୍ତ୍ରୀ ରବି ନାରାୟଣ ନାୟକ ଉପସ୍ଥିତ ସମସ୍ତ ଯୋଗାପ୍ରମୀ ଭାଇଭଉଣୀମାନଙ୍କୁ ଯୋଗକୁ ନିରନ୍ତର ଆପଣାଇ ନିଜକୁ ତଥା ସମାଜକୁ ସୁସ୍ଥ ରଖିବା ସକାଶେ ଉପଦେଶ ଦେଇଥିଲେ। ମୁଖ୍ୟ ଅତିଥି ପତଞ୍ଜଳି ପରିବାରକୁ ଧନ୍ୟବାଦ ଦେବାସହ ଦୀର୍ଘ ଦଶବର୍ଷ ଧରି ଯୋଗ ଦିବସକୁ ସମାଜର ହିତ ପାଇଁ ଆନୁଷ୍ଠାନିକ ରୂପେ ପାଳନ କରୁଥିବାରୁ ପ୍ରଶଂସା କରିଥିଲେ। ଯୋଗ ଓ ପ୍ରାଣାୟାମକୁ ରଞ୍ଜନ କୁମାର ବେହେରା, ବିଜୟ କୁମାର ସାହୁ, ସୁଧାରଣୀ ପୂଝାରୀ ମଞ୍ଚରେ ପ୍ରଦର୍ଶନ କରିଥିଲେ। ଯୋଗ ମହୋତ୍ସବକୁ ଜିଲ୍ଲା ପ୍ରଭାରୀ ଭାରତ ସ୍ୱାଭିମାନ ଗୋଲକବିହାରୀ ମିଶ୍ର, ଯୁବ ପ୍ରଭାରୀ ନିଳାମ୍ବର ସାହୁ ଓ ନିରୁପମା ପଧାନ ପରିଚାଳନା କରିଥିଲେ।

ଜଣ୍ଡିସ୍ ଆକ୍ରାନ୍ତ ସଂଖ୍ୟା ୭୪ରେ ପହଞ୍ଚିଲା

# ପୁନେରୁ ଆସିନି ପାଣି ପରୀକ୍ଷା ରିପୋର୍ଟ

ସମ୍ବଲପୁର, ୨୨।୬(ସମିସ)

ସମ୍ବଲପୁର ସହରରେ ଜଣ୍ଡିସ୍ ଆତଙ୍କ ବଢ଼ିବାରେ ଲାଗିଛି। ଗତ କାଲି ୬୦ ଜଣ ଚିହ୍ନଟ ହୋଇଥିବା ବେଳେ ଆଜି ଏହାର ସଂଖ୍ୟା ବୃଦ୍ଧି ହୋଇ ୭୪ରେ ପହଞ୍ଚିଛି। ପିଏଚଡି ପାଣି ଯୋଗୁଁ ଜଣ୍ଡିସ ବ୍ୟାପୁଥିବା ଲୋକେ ଅଭିଯୋଗ କରିଛନ୍ତି। ଅନେକ ସମୟରେ ପିଏଚଡି ଯୋଗାଉଥିବା ପାଣି ଗୋଳିଆ ଓ ପୋକ ବାହାରୁଥିବା ଅଭିଯୋଗ ହୋଇ ଆସୁଛି। ବିଭିନ୍ନ ଅଞ୍ଚଳରୁ ପାଣି ନମୁନା ସଂଗ୍ରହ କରି ପରୀକ୍ଷା ପାଇଁ ପୁନେକୁ ପଠାଯାଇଛି। ପୁନେରୁ ପାଣି ପରୀକ୍ଷା ରିପୋର୍ଟ ଜଣ୍ଡିସର କାରଣ ଜଣା ପଡ଼ିବ।। ସହରରେ ପିଏଚଡି ପାଣି ପାଇପ ଓ ଡ୍ରେନ ଗୋଟିଏ ସ୍ଥାନରେ ରହୁଛି। ଫଳରେ ପାଇପ ଫାଟିଲେ ଡ୍ରେନ ପାଣି ଘରକୁ ଯୋଗଉଥିବା ପାଣିରେ ମିଶି ଯାଉଛି। ତେଣୁ ଜଣ୍ଡିସ ବ୍ୟାପିବାର ଅଧିକ ଆଶଙ୍କା ରହୁଛି। ଅନ୍ୟପଟେ ଦୁଇ ଦିନ ହେଲା ବିଭିନ୍ନ ପଡ଼ାର ପାଇପ ମରାମତି କାର୍ଯ୍ୟ ଯୁଦ୍ଧ କାଳୀନ ଭିତ୍ତିରେ ଚାଲିଛି। ନୂତନ ପାଇପ ଲଗା ଯାଉଛି। ଘରକୁ ଘର ବୁଲି ସ୍ୱାସ୍ଥ୍ୟ ବିଭାଗର ଟିମ ଲୋକଙ୍କୁ ସଚେତନ କରୁଛି। ସିଡିଏମଓ



ଡାକ୍ତର ସୁଜାତା ରାଣୀ ମିଶ୍ରଙ୍କ କହିବା ଅନୁସାରେ ଆଜି ଚିହ୍ନଟ ସଂଖ୍ୟା ହ୍ରାସ ପାଇଛି। ସମସ୍ତ ଆକ୍ରାନ୍ତ ସଂଖ୍ୟାରୁ ୬ ଜଣ ୨୦ ବର୍ଷିୟା ରହିଥିବା ବେଳେ ୬୮ ଜଣ ୧୪ ବର୍ଷରୁ କମ ରହିଛନ୍ତି। ତେଣୁ ପାଣି ଅପେକ୍ଷା ଫାଷ୍ଟଫୁଡ ଦ୍ୱାରା ଜଣ୍ଡିସ ସଂକ୍ରମଣ ହୋଇ ଥାଇପାରେ। ପାଣି ପରୀକ୍ଷା ପାଇଁ ଜନ ସ୍ୱାସ୍ଥ୍ୟ ବିଭାଗ ଓ ଖାଦ୍ୟର ମାନ ପରୀକ୍ଷା କରିବା ପାଇଁ ଏସଏମସିକୁ ଚିଠି କରାଯାଇଛି। ସହରର କୁମ୍ଭାରପଡ଼ା, ଧୁବାପଡ଼ା, ପେନସନପଡ଼ାରେ ଜଣ୍ଡିସ ଆକ୍ରାନ୍ତ ରହିଛନ୍ତି। କୁମ୍ଭାରପଡ଼ାରେ ମୋଟ ୨୮୧୫ ଜଣ, ଧୁବାପଡ଼ାରେ ୬୯୦ ଜଣ, ପେନସନପଡ଼ାରେ ୧୦୬୪ ଜଣ ପରୀକ୍ଷା କରାଯାଇଛି। ଜଣ୍ଡିସ ବ୍ୟାପିବା ନେଇ ଲୋକଙ୍କ ମନରେ ଆତଙ୍କ ଖେଳିଯାଇଥିବା ବେଳେ ପିଏଚଡି ବିଭାଗକୁ ଦାୟୀ କରିଛନ୍ତି। ଅଭିଯୋଗ କରିଛନ୍ତି ଯେ ଡ୍ରେନ ଗୁଡିକରେ ଆଜି ମଧ୍ୟ ପିଏଚଡି ପାଣି ପାଇବ ଲାଗି ରହୁଛି। କେତେକ ସ୍ଥାନରେ ପାଇପ ପାଣି ଡ୍ରେନରେ ମିଶୁଛି ତ ଡ୍ରେନ ପାଣି ପାଇପରେ ପସି ଯାଉଛି। ଯାହା ଲୋକମାନଙ୍କ ଘରେ ପହଞ୍ଚୁଛି। ମରାମତି କରିବା ପାଇଁ ଏସଏମସି, ପିଏଚଡି ମିଳିତ ଉଦ୍ୟମ କଲେ ମଧ୍ୟ ଲାଭ ମିଳି ପାରୁନାହିଁ। ଅନ୍ୟପଟେ ୨୦୧୩ ମସିହା ପରେ ସମ୍ବଲପୁର ସହରରେ ଏଭଳି ପରିସ୍ଥିତି ଦେଖା ଦେଇଛି। ତେବେ ଚୁପକି, ଗୁପଚୁପରୁ ଏହି ଜଣ୍ଡିସ ବ୍ୟାପୁଥିବା ନେଇ ସାଧାରଣରେ ଚର୍ଚ୍ଚା ହେଉଛି। ବିଶେଷ କରି ଶୀତଳ ଷଷ୍ଠୀ ସମୟରେ ଅନେକ ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି। ଆଗକୁ ଜଣ୍ଡିସ ଆକ୍ରାନ୍ତ ସଂଖ୍ୟା ବଢ଼ିବାର ଆଶଙ୍କା କରାଯାଉଥିବା ଲୋକମାନେ ଚର୍ଚ୍ଚା କରୁଛନ୍ତି।

## ନିଶା କାରବାରରେ ରୋକ୍ ଲଗାଇବାକୁ ଦାବି



**ସମ୍ବଲପୁର, ୨୨।୬(ସମିସ):** ସମ୍ବଲପୁର ସହରର ବେଆଇନ ନିଶାକାରବାର ବିକ୍ରିରେ ରୋକ ଲଗାଇବା ନେଇ ଏସପିଙ୍କ ଦ୍ୱାରସ୍ତ ହୋଇଛନ୍ତି ସମାଜିକ ଅନୁଷ୍ଠାନ ସ୍ୱାଭିମାନର ସଦସ୍ୟ। ଅଭିଯୋଗ କ୍ରମେ ବିଭିନ୍ନ ସ୍ଥାନରେ ବ୍ରାଉନସୁଗର, କଫ ସିରପ, ନିଶା ବଟିକା, ଗଞ୍ଜେଇ ବେଆଇନ ଭାବେ ବିକ୍ରି ଚାଲିଛି। ଫଳରେ ଯୁବ ପିଢି ହେଉକି କଲେଜ ପିଲା ଏହାର ଶିକାର ହେଉଛନ୍ତି। କଲେଜ କ୍ୟାମ୍ପସକୁ ମଧ୍ୟ ନିଶା ପସିବାରେ ଲାଗିଛି। ପୁଲିସ କେବଳ ଛୋଟ ନିଶା ବେପାରୀକୁ ଗିରଫ କରୁଛି। ପଛରେ ବଡ ଅପରାଧିଙ୍କୁ ଗିରଫ କରୁନାହାନ୍ତି। ବେଆଇନ ନିଶାକାରବାର ବନ୍ଦ ଓ ବିକ୍ରି କରୁଥିବା ଲୋକ ବିରୋଧରେ କାର୍ଯ୍ୟନୁଷ୍ଠାନ ନେବାପାଇ ଦାବି କରିଥିଲେ। ଅନୁଷ୍ଠାନର ଶିଶିର ବହିଦାର, ସହଦେବ ଷଣ୍ଢ, କୁନ୍ଦନ ପ୍ରଧାନ, ସୁଧୀର କୁମାର ଦାସ, ଆକାଶ ପଟେଲ, ପ୍ରିୟାଂଶୁ ନାଗ, ଅଭିନାଶ ମହାପାତ୍ର, ଦେବତା ବେହେରା, ଆକାଶ ସାହୁ ପ୍ରମୁଖ ଉପସ୍ଥିତ ରହିଥିଲେ।